

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୦ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 October 2025
Vol.No. 36 ■ No.266 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ନିଜ କଥା ନିଜେ ବୁଝନ୍ତୁ ମମତା : ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ଜବାବ ଦେଇଛନ୍ତି । ସେ କହିଛନ୍ତି ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ମମତା ଆଗେ ନିଜ କଥା ବୁଝନ୍ତୁ । କଟକରେ ଯାହା ଘଟିଥିଲା ସେଟା ଗୋଟେ ଦୁର୍ଘଟଣା ଥିଲା । କଟକର ପରିସ୍ଥିତି, ପାରିବେଶ ଆଗରୁ ଯେମିତି ଥିଲା ଏବେ ଶାନ୍ତ ଅଛି । ଶାନ୍ତ ଥିବା କଟକକୁ ମମତା ଯଦି ପବର୍ତାଇବାକୁ ଚାହିଁବେ ଏହା ଦୁର୍ଭାଗ୍ୟଜନକ । ପଶ୍ଚିମବଙ୍ଗରେ ଆଜି ଆଇନ ଶୃଙ୍ଖଳା ଧ୍ୱସ୍ତ ହୋଇଛି । ମମତାଙ୍କ ଠାରୁ ଟିପ୍ପଣୀ ଓଡ଼ିଶାବାସୀ ଆଶା କରୁନାହାନ୍ତି । ମମତା ଓଡ଼ିଶାକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି । ପଶ୍ଚିମବଙ୍ଗ ଠାରୁ ଆମେ କିଛି ଟିପ୍ପଣୀ ଆଶା କରୁନୁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସୂଚନାଯୋଗ୍ୟ ଯେ କଟକ ଘଟଣା ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି,କଟକ ଆଜି ଜଳୁଛି । କେମିତି ଆକ୍ରମଣ ହେଲା ତାହା ସମସ୍ତେ ଦେଖିଛନ୍ତି । ବିଜେପି ପାର୍ଟି କଟକରେ ସମ୍ପ୍ରଦାୟିକ ହିଂସା ଭିଆଇଛି। ବଜରଙ୍ଗ ଦଳ ଓ ବିଜେପି ଦେଶକୁ ଶେଷ କରି ଦେବେ । ଦୁଃଖର ସହ କହୁଛି ମୁଁ ବହୁତ ସରକାର ଦେଖିଛି କିନ୍ତୁ ଏମିତି ଅହଂକାରୀ ସରକାର ଦେଖିନି ।

# ବ୍ରିଟେନ୍ ଓ ଭାରତ ମଧ୍ୟରେ ବଡ଼ ଡିଲ୍: ଭାରତରେ ଖୋଲିବ ବ୍ରିଟେନର ୯ଟି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍



ନୂଆଦିଲ୍ଲୀ,୦୯/୧୦ : ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ମୁହଁରୁ ବାହାରିଥିବା ଏହି ଶବ୍ଦ, ସମସ୍ତଙ୍କ ହୃଦୟ ଜିଣିନେଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବେଶ୍ ଖୁସି ହୋଇଥିଲେ । ଭାରତ ଗସ୍ତରେ ଆସିଥିବା ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଓ ମୋଦୀଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କକୁ ନେଇ ଆଲୋଚନା ହୋଇଛି । ଦ୍ୱିପାକ୍ଷିକ ଆଲୋଚନା ବେଳେ ଦୁଇ ନେତା ବାଣିଜ୍ୟ, ସୁରକ୍ଷା, ବୈଷୟିକ ଜ୍ଞାନକୌଶଳ, ଶିକ୍ଷା ଆଦି ବିଭିନ୍ନ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ-ବ୍ରିଟେନ ସମ୍ପର୍କରେ ବିଶେଷ ପ୍ରଗତି ହୋଇଛି । ଗତ ଜୁଲାଇରେ ବ୍ରିଟେନ ଗସ୍ତ ସମୟରେ ଆମେ ଐତିହାସିକ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ରାଜିନାମା ବା ସିଇଟିଏ ସ୍ୱାକ୍ଷର କରିଥିଲୁ । ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ଆମଦାନୀ ଖର୍ଚ୍ଚ ହ୍ରାସ ପାଇବ, ଯୁବକମାନଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ବାଣିଜ୍ୟ ବୃଦ୍ଧି ପାଇବ ଏବଂ ଶିଳ୍ପ ଓ ଉପଭୋକ୍ତାମାନେ ମଧ୍ୟ ଉପକୃତ ହେବେ । ଭାରତ ଏବଂ ବ୍ରିଟେନ ମଧ୍ୟରେ ବୃଦ୍ଧି ପାଉଥିବା ଏହି ଭାଗୀଦାରି ବୈଶ୍ୱିକ ସ୍ଥିରତା ଏବଂ ଆର୍ଥିକ ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ବୋଲି ମୋଦୀ କହିଛନ୍ତି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ ମଧ୍ୟ, ଭାରତ ସହ ଚୁକ୍ତିକୁ ନେଇ ଖୁସି ଜାହିର କରିଛନ୍ତି । କହିଛନ୍ତି, ପ୍ରଯୁକ୍ତି ବିଦ୍ୟା ଓ ନବୀକରଣ କ୍ଷେତ୍ରରେ ବ୍ରିଟେନ ଏବଂ ଭାରତ ବିଶ୍ୱସ୍ତରରେ ଅଗ୍ରଣୀ । ଆଗାମୀ ଦିନରେ ଏଆଇ, ଅତ୍ୟାଧୁନିକ ଯୋଗାଯୋଗ, ପ୍ରତିରକ୍ଷା ପ୍ରଯୁକ୍ତି ଏବଂ ସୁରକ୍ଷା ଭାଗିଦାରି ଆହୁରି ସୁଦୃଢ଼ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶିତ ଭାରତ-୨୦୪୭'ର ପରିକଳ୍ପନାକୁ ପ୍ରଶଂସା କରିଛନ୍ତି ଷ୍ଟାରମର । ଗୋଟିଏ ପଟେ ବିଶ୍ୱବ୍ୟାପୀ ଅର୍ଥନୈତିକ ଓ ଅସ୍ଥିରତା ଦେଖାଦେଖାଇଥିବା ମୁମ୍ବାଇରେ ହୋଇଥିବା ଏହି ଆଲୋଚନା ବ୍ରିଟେନ-ଭାରତ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି ।

## କାହିଁକି ପାଞ୍ଜିରେ ରହୁଛି ଦ୍ୱନ୍ଦ୍ୱ: କେବେ ପାଳିବେ ପର୍ବ, ବାରମ୍ବାର ଚିନ୍ତାରେ ପଡୁଛନ୍ତି ଲୋକ



ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଅକ୍ଟୋବର ୨୦ ନା ଅକ୍ଟୋବର ୨୧, କେଉଁଦିନ ପାଳନ ହେବ ଦୀପାବଳି ଏବଂ କେଉଁଦିନ ଦିଆଯିବ ପୟାଶ୍ରାଦ୍ଧ, ତାକୁ ନେଇ ଉପୁଜିଛି ଦ୍ୱନ୍ଦ୍ୱ । ପାଞ୍ଜି ଗୋଟିଏ, କିନ୍ତୁ ଦୁଇଟି ତାରିଖ । କୋହିନୂର ପାଞ୍ଜିରେ ଅକ୍ଟୋବର ୨୦ ତାରିଖରେ ଦୀପାବଳି ଏବଂ ପୟାଶ୍ରାଦ୍ଧ ବୋଲି ଲେଖାଅଛି । ଆଉ ଅକ୍ଟୋବର ୨୧ରେ ରହିଛି ଅମାବାସ୍ୟା ତିଥି । ସେପଟେ ରାଧାରମଣ ପଞ୍ଜିକାରେ ଅକ୍ଟୋବର ୨୦ ଦୀପାବଳି ବୋଲି ଲେଖାଅଛି । ମୁକ୍ତିମଣ୍ଡପ ପଣ୍ଡିତ ସଭା କହିଛି, ୨୦ ତାରିଖରେ ଲୋକେ ଶ୍ରାଦ୍ଧ ଦିଅନ୍ତୁ । ଜ୍ୟୋତିର୍ବିଦ କିନ୍ତୁ ଏନେଇ ଆପତ୍ତି ଉଠାଇଛନ୍ତି । କେବଳ ଦୀପାବଳି ନୁହେଁ, ପୂର୍ବରୁ ଅନେକ ପର୍ବପର୍ବାଣୀକୁ ନେଇ ପାଞ୍ଜିରେ ଭିନ୍ନ ଭିନ୍ନ ତାରିଖ ଆସିଥିଲା । କୁମାର ପୂର୍ଣ୍ଣିମା, ରାଖି ପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ପାଳନକୁ ନେଇ ମଧ୍ୟ ସାଧାରଣ ଲୋକେ ଆଶଙ୍କାରେ ଥିଲେ । ତେବେ କାହିଁକି ଏଭଳି ଭିନ୍ନ ଭିନ୍ନ ତାରିଖ ଆସୁଛି ? ମୁକ୍ତିମଣ୍ଡପ ପଣ୍ଡିତ ସଭା ଏବଂ ପାଞ୍ଜି ଗଣନାକାରୀଙ୍କ ମଧ୍ୟରେ ରହୁନି କି ସମନ୍ୱୟ ? ପର୍ବପର୍ବାଣୀ ଏବଂ ଉତ୍ସବ ପାଳନ ପାଇଁ ଓଡ଼ିଆ ମାନେ ପାଞ୍ଜି ଦେଖନ୍ତି । କିନ୍ତୁ ଏବେ ପାଞ୍ଜିକୁ ଲୋକେ ବିଶ୍ୱାସ କରିପାରୁ ନାହାନ୍ତି । ପାଞ୍ଜିର ବିଶ୍ୱସନୀୟତାକୁ ନେଇ ଉଠିଛି ପ୍ରଶ୍ନ ।

## ପୁଣି ଫେରିଲା ଦାଉଦ୍ ଗ୍ୟାଙ୍ଗ୍: କ୍ରିକେଟର ରିଙ୍କୁ ସିଂଙ୍କୁ ଧମକ

ନୂଆଦିଲ୍ଲୀ,୦୯/୧୦ : ଟିମ୍ ଇଣ୍ଡିଆର ଷ୍ଟାର କ୍ରିକେଟର ରିଙ୍କୁ ସିଂହଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ରିଙ୍କୁଙ୍କୁ ଅଣ୍ଡରୱାର୍ଲ୍ଡରୁ ଧମକ ମିଳିଛି । ଜାତୀୟ ଗଣମାଧ୍ୟମ ରିପୋର୍ଟରେ ଅନୁସାରେ ଦାଉଦ ଗ୍ୟାଙ୍ଗର ଲୋକମାନେ ରିଙ୍କୁ ସିଂହଙ୍କୁ ଧମକ ଦେଇଛନ୍ତି ଏବଂ ତାଙ୍କଠାରୁ ୫ କୋଟି ଟଙ୍କା ଦାବି କରିଛନ୍ତି । ମୁମ୍ବାଇ ପୁଲିସ କ୍ରାଇମବ୍ରାଞ୍ଚ ନିଶ୍ଚିତ କରିଛି , ରିଙ୍କୁ ସିଂହଙ୍କ ପ୍ରମୋସନାଲ୍ ଟିମ୍ କୁ ଧମକ ପଠାଯାଇଥିଲା । ତଦନ୍ତରୁ ଜଣାପଡିଛି, ଡି-କମ୍ପାନି ଭାବରେ ଜଣାଶୁଣା ଦାଉଦ ଇବ୍ରାହିମ ଗ୍ୟାଙ୍ଗ୍ ଫେବ୍ରୁଆରି ଏବଂ ଏପ୍ରିଲ ୨୦୨୫ ମଧ୍ୟରେ ରିଙ୍କୁ ସିଂହଙ୍କ ପ୍ରମୋସନାଲ୍ ଦଳକୁ ୩ଟି ଦାବି ପଠାଇଥିଲା, ଯେଉଁଥିରେ ୫କୋଟି ଦାବି କରାଯାଇଥିଲା । ଏପରି ପରିସ୍ଥିତିରେ, ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ମାତ୍ର ଦୁଇ ବର୍ଷ ପୂର୍ବେ କ୍ରିକେଟ ଜଗତରେ ଚର୍ଚ୍ଚାକୁ ଆସିଥିବା ରିଙ୍କୁ ସିଂହଙ୍କର କେତେ ସମ୍ପତ୍ତି ଅଛି ଯେ ସେ ଅଣ୍ଡରୱାର୍ଲ୍ଡର ରାଡାରରେ ଆସିଯାଇଛନ୍ତି । ରିଙ୍କୁ ସିଂହଙ୍କ ପିଲାଦିନ ଅତ୍ୟନ୍ତ ଦାରିଦ୍ର୍ୟରେ ବିତିଥିଲା । ତାଙ୍କ ବାପା ଗ୍ୟାସ୍ ବିକ୍ରେତା ଭାବରେ କାମ କରୁଥିଲେ, ଘର ଘର ବୁଲି ସିଲିଣ୍ଡର ପହଞ୍ଚାଉଥିଲେ ।

## ୭୨ ଘଣ୍ଟା ପରେ ବି ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ପୋଲିସ ହାତ ଖାଲି



ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ୭୨ ଘଣ୍ଟା ପୂରିବାକୁ ବସିଲାଣି । ବାଇକରେ ଆସି ପଏଣ୍ଟ୍ ବ୍ଲାଙ୍କରେ ଗୁଳି କରି ଚମ୍ପଟ ମାରିଲେ ୨ ଦୁର୍ବୃତ୍ତ । କିନ୍ତୁ କେମିତି ? ଘଟଣାର ତଦନ୍ତ ଜାରି ଥିବା ବେଳେ, ପାତାଳରେ ଥିଲେ ବି ଅପରାଧୀ ଧରା ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମନ୍ତ୍ରୀ । ହେଲେ ବିଡ଼ମ୍ବନା, ଏଯାଏଁ ପୁଲିସ ହାତ ଖାଲି । ଏଠି ପ୍ରଶ୍ନ ଉଠୁଛି କୁଆଡ଼େ ଗଲେ ପୀତବାସ ପଣ୍ଡାଙ୍କୁ ଗୁଳି କରିଥିବା ୨ ଦୁର୍ବୃତ୍ତ? ସୂଚନା ଅନୁସାରେ, ଘଟଣା ଦିନ ଆଇନଜୀବୀ ପୀତବାସ ପଣ୍ଡା ସନ୍ଧ୍ୟାରେ ଘରୁ ବାହାରିଯାଇଥିଲେ । ପ୍ରଥମେ ବଡ଼ବଜାର ଥାନା ଓ ସେଠାରୁ ପାର୍କ ସାହିରେ ଥିବା ନିଜ ଚାମ୍ବରକୁ ଯାଇ ରାତି ୯ଟା ୪୦ ଯାଏଁ ଥିଲେ । ଏହାପରେ ଏକ ହୋଟେଲରୁ ବିରିୟାନୀ, ରାବିଡି ଓ ରୁଟି ପାର୍ସଲ ଧରି ବୈକୁଣ୍ଠନଗର ସ୍ଥିତ ନିଜ ଘରକୁ ଫେରୁଥିଲେ । ତେବେ ନିଜ ସାହି ଗଳି ଭିତରେ ପଶୁ ପଶୁ ତାଙ୍କୁ ଗୁଳି କରିଥିଲେ ଦୁର୍ବୃତ୍ତ । ସେପଟେ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି ପୀତବାସଙ୍କ ପୁଅ । ଗଞ୍ଜାମରେ ଗଡୁଛି ନେତାଙ୍କ ମୁଣ୍ଡ । କେବଳ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ନୁହଁନ୍ତି, ଗତ ୨୭ ବର୍ଷ ଭିତରେ ହେଲାଣି ୧୭ଟି ହାଇପ୍ରୋଫାଇଲ୍ ମର୍ଡର୍ । କାହାକୁ ଗୁଳି କରି ତ କାହାକୁ ଖଣ୍ଡାରେ ହାଣି ହତ୍ୟା । ଆଶଙ୍କା ଉପୁଜିଛି- ଜିଲ୍ଲାକୁ ଫେରିଲା କି ରାଜନୈତିକ ସୁପାରି କିଲିଂ ? ନଜର ପକାନ୍ତୁ ଗତ ୩ ଦଶନ୍ଧି ଭିତରେ ଗଞ୍ଜାମରେ ଘଟିଥିବା କିଛି ଚର୍ଚ୍ଚିତ ନେତାଙ୍କ ହତ୍ୟାକାଣ୍ଡ ଉପରେ । ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦେଢ଼ ବର୍ଷ ଭିତରେ ୧୩୦ରୁ ଅଧିକ ହତ୍ୟାକାଣ୍ଡ ଘଟିଥିବା ସୂଚନା ରହିଛି ।

## କିଏ ହେବେ ନୂଆପଡ଼ା ବିଧାୟକ ?: ଆଦିବାସୀ ଭୋଟର ସାଜିବେ ଗେମ୍‌ଚେଞ୍ଜର

ନୂଆପଡ଼ା, ୦୯/୧୦ (ନି.ପ୍ର): ନୂଆପଡ଼ା ନିର୍ବାଚନକୁ ରୋଚକ କରିବ ଆଦିବାସୀ ଭୋଟବ୍ୟାଙ୍କ । ଆଦିବାସୀ ଭୋଟ୍ ନିର୍ଦ୍ଦିଷ୍ଟ ଦଳକୁ ଯାଉନଥିବାରୁ ଏହା ପ୍ରାର୍ଥୀଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ୍ ପାଲଟିବ । ତେଣୁ ଯିଏ ସର୍ବାଧିକ ଆଦିବାସୀଙ୍କ ଭରସା ଜିଣିବ ତାହାର ବିଜୟ ସମ୍ଭାବନା ସେତେ ଅଧିକ ବଢ଼ିବ । ନୂଆପଡ଼ା ଉପ-ନିର୍ବାଚନ ପାଇଁ ସରଗରମ ହେଲାଣି ପ୍ରଚାର ମଇଦାନ । କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ପ୍ରଚାରକୁ ଜୋରଦାର କରିଥିବା ବେଳେ ବିଜେପି ଓ ବିଜେଡିର ଆଶାୟୀ ପ୍ରାର୍ଥୀ ଦଳବଳ ଘେନି ଏବେ ଆଦିବାସୀ ଗାଁ ମୁହାଁ । କାରଣ ନୂଆପଡ଼ାର ନୂଆ ବିଧାୟକ ବାଛିବା କ୍ଷେତ୍ରରେ ଆଦିବାସୀଙ୍କର ରହିବ ସବୁଠୁ ବଡ଼ ଭୂମିକା । ନୂଆପଡ଼ାରେ ମୋଟ ୨ ଲକ୍ଷ ୫୩ ହଜାର ଭୋଟରଙ୍କ ମଧ୍ୟରୁ ଆଦିବାସୀ ଭୋଟ ଅଧାରୁ ଅଧିକ । ହେଲେ ଆଦିବାସୀଙ୍କ ଭୋଟ୍‌ବ୍ୟାଙ୍କ ନୂଆପଡ଼ାରେ ଭାଗ ଭାଗ । ଯାହାର ଫଳକ ଗତ ନିର୍ବାଚନ ଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳିଛି । ଚଳିତ ନିର୍ବାଚନରେ ମଧ୍ୟ ତାହାର ପୁନରାବୃତ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । କାରଣ ଆଦିବାସୀଙ୍କ ସର୍ବାଧିକ ସମର୍ଥନ ରହିଥିବା ଦାବି କରିଛି ୩ ଦଳ । ଆଦିବାସୀ ବହୁଳ ନୂଆପଡ଼ା ଆସନ ଦଖଲ କରିବାକୁ ଆଦିବାସୀ କାର୍ଡ ଖେଳିଛି କଂଗ୍ରେସ । ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରି ଆଦିବାସୀ ଭୋଟବ୍ୟାଙ୍କର ସିଂହଭାଗକୁ ହାତେଇବାକୁ ରଣନୀତି କରିଛି । ହେଲେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଏକ ଚିଠି କଂଗ୍ରେସର ଚିନ୍ତା ବଢ଼ାଇଛି । ଅନ୍ୟପଟେ ବିଜେପି ଓ ବିଜେଡି ପ୍ରାର୍ଥୀ ଘୋଷଣା କରିନଥିଲେ ମଧ୍ୟ ବିଭିନ୍ନ ସମାବେଶ ଜରିଆରେ ଆଦିବାସୀ ଭୋଟରଙ୍କୁ ନିଜ ସପକ୍ଷକୁ ନେବାକୁ ଭରପୂର ପ୍ରୟାସ କରୁଛନ୍ତି । ୩ ଦଳର ହିସାବକିତାବ ଭିତରେ କିଏ ହାତେଇବ ଆଦିବାସୀଙ୍କ ଭୋଟ ? କାହାକୁ ଭରସିବେ ଆଦିବାସୀ ଭୋଟର ? ତାହା ଉପରେ ସଭିଙ୍କ ନଜର ।

## କେରଳରେ କଂଗ୍ରେସର ତିନି ବିଧାୟକ ବିଧାନସଭାରୁ ନିଲମ୍ବିତ

ତିରୁବନନ୍ତପୁରମ୍, ୦୯/୧୦ କେରଳର ସବରୀମାଳା ସ୍ଥିତ ଭଗବାନ ଅୟପ୍ପା ମନ୍ଦିରରେ ଦ୍ୱାରପାଳକ ମୂର୍ତି ଉପରେ ସୁନା ପରତ ଚଢ଼ାଇବାରେ ଅନିୟମିତତା ବିଷୟ ଉପରେ ଲଗାତାର ଚତୁର୍ଥ ଦିନ ଗୁରୁବାର ଦିନ ବିଧାନସଭାର କାର୍ଯ୍ୟବାହୀ ବାଧିତ ହୋଇଛି । ବିଧାନସଭାରେ ବଡ଼ ହଙ୍ଗାମା ମଧ୍ୟରେ କଂଗ୍ରେସର ତିନି ସଦସ୍ୟଙ୍କୁ ନିୟମର ଉଲ୍ଲଂଘନ ଅଭିଯୋଗରେ ଚଳିତ ଅଧିବେଶନର ଶେଷ ଅବଧି ପାଇଁ ନିଲମ୍ବିତ କରିଦିଆ ଯାଇଛି ।

## 'ବଣିକ୍' ପାଲଟିଥିଲା କି ସରକାରୀ ଚାକିରିର ଅଦେଖା ବଣିକ ?: ୫ ବର୍ଷର ରେକର୍ଡ ଘାଣ୍ଟିଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର, ୦୯/୧୦ (ନି.ପ୍ର): ରାଜଧାନୀର ଛାତି ଉପରେ ଥିବା 'ବଣିକ୍' କୋଚିଂ ସେଣ୍ଟର ଉପରେ କ୍ରାଇମବ୍ରାଞ୍ଚ ରେଡ୍ । ପୋଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ଆଜି ଛାପା ମାରିଛି ତଦନ୍ତକାରୀ ସଂସ୍ଥା । ମାମଲାରେ ଗିରଫ କିଛି ଆଶାୟୀଙ୍କ ସହ 'ବଣିକ୍'ର ଲିଙ୍କ ସଂପର୍କରେ ସୁରାକ୍ ପାଇବା ପରେ ଆଜି ଅପରାହ୍ନରେ ଚଢଉ ହୋଇଛି । ତେବେ ଏହି ସ୍କାମ୍ ସହ 'ବଣିକ୍'ର କୌଣସି ସମ୍ପର୍କ ନାହିଁ ବୋଲି ପ୍ରତିଷ୍ଠାନ ମୁଖ୍ୟ ସ୍ପଷ୍ଟୀକରଣ ଦେଇଥିବାବେଳେ, ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ▶▶ପୃଷ୍ଠା ୭

## ଭାରତରେ ତାଲିବାନ ମନ୍ତ୍ରୀ : ଏନଏସଏ ଡୋଭାଲଙ୍କୁ ଭେଟିଲେ ଆଫଗାନ୍ ବିଦେଶ ମନ୍ତ୍ରୀ

ନୂଆଦିଲ୍ଲୀ,୦୯/୧୦ : ତାଲିବାନ ବିଦେଶ ମନ୍ତ୍ରୀ ଅମିର ଖାନ୍ ମୁତ୍ତାକୀଙ୍କ ଭାରତ ଗସ୍ତ । ତାଲିବାନ ସରକାରର ପ୍ରଥମ ମନ୍ତ୍ରୀସ୍ତରୀୟ ଗସ୍ତ । ଆଫଗାନିସ୍ତାନର ବିଦେଶ ମନ୍ତ୍ରୀ ଅମିର ଖାନ୍ ମୁତ୍ତାକୀ ଆଜି ଭାରତରେ ପହଞ୍ଚିଛନ୍ତି । ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଅନୁରୋଧରେ ଏହି ଗସ୍ତ କରିଛନ୍ତି ମୁତ୍ତାକୀ । ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଏହି ଗସ୍ତର ଲକ୍ଷ୍ୟ ବୋଲି କୁହାଯାଉଛି । ଆଫଗାନ୍ ବିଦେଶ ମନ୍ତ୍ରୀ ଆସନ୍ତା ୧୬ ଅକ୍ଟୋବର ଯାଏଁ ଭାରତରେ ରହିବେ । ଏହି ସମୟରେ ଭାରତ-ଅଫଗାନିସ୍ତାନ ସମ୍ପର୍କକୁ ସୁଦୃଢ଼ କରିବା ଓ ଆଞ୍ଚଳିକ ସମସ୍ୟା ସମାଧାନ ଉପରେ ଆଲୋଚନା ହେବ । ଭାରତ ଏପର୍ଯ୍ୟନ୍ତ ତାଲିବାନକୁ ସାଧାରଣ ଭାବରେ ସ୍ୱୀକୃତି ଦେଇନାହିଁ, କିନ୍ତୁ ବ୍ୟାବହାରିକ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ ଜାରି ରହିଛି ।

## ଯୋଗାଣ ବିଭାଗ ଦ୍ୱାରା ୪୬ଟି ଘରୋଇ ରନ୍ଧନ ଗ୍ୟାସ ଜବତ

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ବିଏମସି ଯୋଗାଣ ଉପ ବିଭାଗ ଦ୍ୱାରା ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଂଚଳରେ ଘରୋଇ ରନ୍ଧନ ଗ୍ୟାସର କଳାବଜାରୀଙ୍କ ଉପରେ ଚଢ଼ାଉ କରାଯାଇଛି । ଘରୋଇ ରନ୍ଧନ ଗ୍ୟାସ କଳାବଜାରୀ କରିବା ସହ ଚଢ଼ା ମୂଲ୍ୟରେ ଅବୈଧ ବିକ୍ରି କରାଯାଉଥିବା ନେଇ ଏହି ଅଞ୍ଚଳରେ ଅଭିଯୋଗ ହେଉଥିଲା । ଏ ସମ୍ପର୍କିତ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ଚଢ଼ାଉ କରାଯାଇଛି । ଉକ୍ତ ଚଢ଼ାଉ ସମୟରେ ୪୬ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଏହି ଚଢ଼ାଉ ସମୟରେ ଅତିରିକ୍ତ ବିଏମସି ଯୋଗାଣ ଅଧିକାରୀ ରୋହିତ କୁମାର ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ବିଏମସିର ଯୋଗାଣ ନିରୀକ୍ଷକ ଦୀପ୍ତି ରଞ୍ଜନ ଇନ୍ଦ୍ର ସିଂ, ଯତୀନ କୁମାର ରାଉତ ଓ ଅଲିଭା ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ଆମେରିକାରେ ଟ୍ରମ୍ପଙ୍କୁ ବିରୋଧ: ଭାରତ ଉପରେ ଟାରିଫକୁ ବିରୋଧ କଲେ ଆମେରିକୀୟ ସାଂସଦ



ନୂଆଦିଲ୍ଲୀ,୦୯/୧୦ :ତୁରନ୍ତ ଭାରତ ସହ ସମ୍ପର୍କ ସୁଧାର । ୧୯ ଆମେରିକୀୟ ସାଂସଦ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଲେଖିଛନ୍ତି ଚିଠି । ଭାରତ ସହ ସମ୍ପର୍କ ତୁରନ୍ତ ସୁଧାରିବା ପାଇଁ ଏଥିରେ ଦିଆଯାଇଛି ପରାମର୍ଶ । ୧୯ ଜଣ ଆମେରିକୀୟ କଂଗ୍ରେସ୍ ସାଂସଦଙ୍କ ଦ୍ୱାରା ରାଷ୍ଟ୍ରପତି ଡନାଲ୍ଡ ଟ୍ରମ୍ପଙ୍କୁ ଚିଠି ଲେଖାହୋଇଛି । ଭାରତ ଉପରେ ଲଗାଯାଇଥିବା ୨୫ ପ୍ରତିଶତ ପ୍ରତିକ୍ରିୟାମୂଳକ ଟାରିଫ୍ ଓ ରୁଷ ତୈଳ କ୍ରୟ ଯୋଗୁଁ ଆଉ ୨୫ ପ୍ରତିଶତ ▶▶ପୃଷ୍ଠା ୭

## ଆଜି ପ୍ରଥମ ପର୍ଯ୍ୟାୟ ବିହାର ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ: ଏଯାଏ ଛିଡ଼ିନି ଆସନ ବଣ୍ଟନ ଅଙ୍କ



ନୂଆଦିଲ୍ଲୀ,୦୯/୧୦ : ବିହାରରେ ନେତାଙ୍କ ରାଜନୀତି ଠାରୁ ଆସନ ବଣ୍ଟା ରାଜନୀତି ଅଧିକ ଚାଲିଛି । ନିଜ ନିଜ ଜିଦ୍‌ରେ ଅଟଳ ହେଭିୱେଟ୍ ନେତା । ବିଜେପି କେନ୍ଦ୍ରମନ୍ତ୍ରୀ ଚିରାଗଙ୍କୁ ବୁଝାଇବାରେ ସଫଳ କିଛିଟା ସଫଳ ହୋଇଛି, ସେପଟେ ଡେରି ନକରି ପ୍ରାର୍ଥୀ ତାଲିକା ଘୋଷଣା କରିଛି ପିକେଙ୍କ ଜନ ସୁରାଜ, ହେଲେ ପିକେଙ୍କ ଆସନ ଘୋଷଣା ହୋଇନାହିଁ । ବିହାରରେ ଖରାର ପ୍ରକୋପ ଯେତିକି ବଢୁଛି ରାଜନୀତିର ପାରଦ ସେତିକି ଚଢୁଛି । ନେତାଙ୍କଠୁ ଜନତା ସମସ୍ତେ ଟେନସନ୍, ନେତାଙ୍କୁ ଡର ଟିକେଟ ମିଳୁଛି ନା ନାହିଁ, ପାର୍ଟି ଅଧ୍ୟକ୍ଷଙ୍କୁ ଡର ଆସନ କମିବନି ତ ! ଆଉ ଜନତାଙ୍କ ଡର ଗଣ୍ଡଗୋଳ ନହେଉ କି ମୁଣ୍ଡ ନ ଗଡୁ । ରାତି ପାହିଲେ ନାମାଙ୍କନ ଆରମ୍ଭ ହେଲେ ଆସନ ଭାଗବଣ୍ଟା କେବେ ସରିବ ତାହା ବଡ଼ ପ୍ରଶ୍ନ ? ▶▶ପୃଷ୍ଠା ୭

# ବନାଞ୍ଚଳସ୍ତରୀୟ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ



ନୀଳଗିରି , ୦୯/୧୦ (ନି.ପ୍ର): ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦଲଦଲି ଠାରେ ୭୧ତମ ବନାଞ୍ଚଳସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ୨୦୨୫ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାଲେଶ୍ୱର ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନୀଳଗିରି ତହସିଲଦାର ସୋନମ୍ ଦାସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ, ସମିତିସଭ୍ୟ ଭୋଳାନାଥ ମାଝୀ,କୁଳଡିହା ରେଞ୍ଜର ସୁବ୍ରତ କୁମାର ବେହେରା, ପରିବେଶବିତ୍ ମନୋରଞ୍ଜନ ଦାସ ଏବଂ କମଳଲୋଚନ ପଣ୍ଡା ମଞ୍ଚାସିନ ରହି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଜନତାଙ୍କୁ ବିଶଦ ବିବରଣୀ ପ୍ରଦାନକରିଥିଲେ । ମୁଖ୍ୟତଃ କିପରି ଜଙ୍ଗଲକୁ ସୁରକ୍ଷା ଦେଇହେବ, ଜୈବ ବିବିଧତା ସହ ହାତୀ ମଣିଷର ଲଢେଇକୁ ରୋକାଯାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ । ଶେଷରେ ପ୍ଲାକାର୍ଡ ମାଧ୍ୟମରେ ସଚେତନତାର ବାର୍ତ୍ତାଲେଖି ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନିଜ ଜୀବନକୁ ବାଜିଲଗାଇ କର୍ତ୍ତବ୍ୟ ସମ୍ପାଦନ କରିଥିବା ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ଯୁବ ପରିବେଶବିତ କମଳଲୋଚନ ପଣ୍ଡା, ସବୁଜବାହିନୀ କର୍ମଚାରୀ , ସ୍ଥାନୀୟ ସମାଜସେବୀଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

# ଜିଲ୍ଲା ଯାଦବ ମହାସଭାର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର, ୦୯/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଯାଦବ ସମାଜର ବାର୍ଷିକ ଉତ୍ସବ ସ୍ଥାନୀୟ ସମେଲେଇଶ୍ୱରି ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ମାଁ ବୁଢିସମଲେଇ ମନ୍ଦିରରୁ ଏକ ପାରମ୍ପାରିକ ବାଡିଖେଳର ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସମଲେଇଶ୍ୱରି ମନ୍ଦିର ରେ ପହଂଚିଥିଲେ । ପରେ ମାଁ ସମଲେଶ୍ୱରିଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ଏକ ସଭା ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ସଭାପତି ତପନ ଜୁଆଡି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗ ଦେଇ ଯାଦବ ସମାଜର ଉନ୍ନତି ତଥା ମଙ୍ଗଳ କାମନା କରିବା ସହିତ ଯାଦବ ସମାଜର ମହିଳା ମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ ହେବାପାଇଁ ପ୍ରବର୍ତ୍ତାଇ ଥିଲେ । ଏହି ଉତ୍ସବରେ ପଡୋଶି ,ବରଗଡ,ବରପାଲି, ସମ୍ବଲପୁର ବଲାଙ୍ଗିର, ବୌଦ୍ଧ ଆଦି ଜିଲ୍ଲାର ସଭାପତି ମାନେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଜିଲ୍ଲାର ଛଅଗୋଟି ବ୍ଲକର ସଭାପତି, ଉପସଭାପତି ଓ ସମ୍ପାଦକ ମାନେ ଯୋଗଦେଇ ଜାଦବ ସମାଜରେ ଥିବା ବିଭିନ୍ନ ପ୍ରକାର କୁସଂସ୍କାର କୁ ପ୍ରତିହତ କରିବା ସହିତ ସମାଜରେ ଥିବା ଅବହେଳିତ ପରିବାର ସମୂହକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ଯାଦବ ସମାଜ ପକ୍ଷରୁ ସହଯୋଗ କରିବା ପାଇଁ ପ୍ରତିବଦ୍ଧ ଥିବା କହିଥିଲେ । ସଭାର ଅନ୍ତିମ ପର୍ଯ୍ୟାୟରେ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଯାଦବ ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଶେଷରେ ଜିଲ୍ଲା ସମ୍ପାଦକ ପୀତବାସ ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ରାଉରକେଲା ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ଆରମ୍ଭ



ରାଉରକେଲା, ୦୯/୧୦ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫, ଅକ୍ଟୋବର ୭ ତାରିଖରେ ସେକ୍ଟର ୬ସ୍ଥିତ ଇସ୍ପାତ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି । ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ଘୋଷଣା କରିଥିଲେ । ଏହି ଅବସରରେ ସହର ସେବା ବିଭାଗର ଜିଏମ୍ ଶ୍ରୀ ଏ କେ ସାବତଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ କ୍ରୀଡ଼ାବିତ, ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ ।

ଶ୍ରୀ କାନେକର ତାଙ୍କ ଉଦ୍‌ଘାଟନୀ ବକ୍ତବ୍ୟରେ ପିଲାମାନଙ୍କୁ କ୍ରୀଡ଼ାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ କାରଣ ଏହା କେବଳ ଶାରୀରିକ ସୁସ୍ଥତା ନୁହେଁ ବରଂ ଶୃଙ୍ଖଳା, ନେତୃତ୍ୱ ଏବଂ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣ ମଧ୍ୟ ବିକାଶ କରିବାରେ ସାହାଯ୍ୟ କରିଥାଏ । ପ୍ରାରମ୍ଭରେ, ଶ୍ରୀ ସାବତ ଉପସ୍ଥିତ ସମସ୍ତଂକୁ ସ୍ୱାଗତ ଜଣାଇଥିଲେ । ସିଲିକନ ଷ୍ଟିଲ ମିଲ୍ ବିଭାଗର ଶ୍ରୀ ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଟୁର୍ଣ୍ଣାମେଣ୍ଟ ଆରମ୍ଭ ଉପଲକ୍ଷେ ଶ୍ରୀ କାନେକର ଫୁଟବଲକୁ କିକ କରିଥିଲେ ।

ଏହି ଟୁର୍ଣ୍ଣାମେଣ୍ଟ ନକ୍ ଆଉଟ ଆଧାରରେ ଖେଳାଯାଉଛି ଯେଉଁଥିରେ ମୋଟ ୩୭ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଦଶମ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ପ୍ରଥମ ଗ୍ରୁପ, ଦ୍ୱାଦଶ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ଦ୍ୱିତୀୟ ଗ୍ରୁପ ଓ ଦ୍ୱାଦଶ ଶ୍ରେଣୀ ବାଳିକା ପର୍ଯ୍ୟନ୍ତ ତୃତୀୟ ଗ୍ରୁପ ଆଦି ତିନୋଟି ଗ୍ରୁପ୍‌ରେ ଅଂଶଗ୍ରହଣକାରୀ ଏଥିରେ ଭାଗ ନେଉଛନ୍ତି ।

# ୪୯ତମ ଜାତୀୟ ସ୍ତରୀୟ ବରିଷ୍ଠ ଟେନିକଏଟ୍ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲାରୁ ୪ ଖେଳାଳୀ ମନୋନୀତ



ଭଦ୍ରକ , ୦୯/୧୦ (ନି.ପ୍ର): ଦିଲ୍ଲୀ ସ୍ଥିତ ନୋଏଡା ଶାରିରିକ ଶିକ୍ଷା ଶିକ୍ଷକ ବିଦ୍ୟାଳୟ ରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତାଟି ୮ ଅକ୍ଟୋବର ରୁ ଆରମ୍ଭ ହୋଇ ୧୨ ଅକ୍ଟୋବର ୨୦୨୫ ରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ଟେନିକଏଟ୍ ସଂଘ ତାର ୬ ଜଣ ଲେଖାଏ ପୁରୁଷ ଓ ମହିଳା ଖେଳାଳୀ ଙ୍କ ନାମ ଘୋଷଣା କରିଛି । ଏହି ପୁରୁଷ ଦଳରେ ଭଦ୍ରକ ଜିଲ୍ଲାରୁ ନାରାୟଣ ବେହେରା , ରାଜେସ୍ ନାୟକ , ଓ ନିର୍ମଳ ସେନ୍ ଓ ମହିଳା ବିଭାଗରେ ମଧୁସ୍ମିତା ନାୟକ ପ୍ରମୁଖ ଖେଳାଳୀ ମାନେ ସ୍ଥାନ ପାଇଛନ୍ତି .ଏହି ଖେଳାଳୀ ମାନେ ରାଜ୍ୟ ସ୍ତରୀୟ ଟେନିକଏଟ ପ୍ରତିଯୋଗିତା ରେ ପୁରୁଷ ବିଭାଗରେ ରାଜେସ ନାୟକ ଚକ୍ଷମ୍ପିଆନ୍ , ନିର୍ମଳ ସେନ୍ ରର୍ନସ ଅପ୍ , ନାରାୟଣ ବେହେରା ଚତୁର୍ଥ ଓ ମହିଳା ବିଭାଗରେ ମଧୁସ୍ମିତା ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ । ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିକଏଟ୍ ସଂଘର ସଂପାଦକ ମନୋଜ କୁମାର ସାହୁ , ସଭାପତି ଗୋଲକ ନାୟକ , ସୁବାସ ଦିକ୍ଷୀତ୍ , ଭବେଶ ଦାସ, ଚନ୍ଦନ ଦେ , ରାଜତିଲକ୍ ସ୍ୱାଇଁ , ସତ୍ୟଜିତ୍ ପରମାଣିକ୍ ,ଗୁରୁ ଚରଣ ପହି, ବିଶ୍ୱରଞ୍ଜନ ସାହୁ ,ଲକ୍ଷ୍ମୀ ନାରାୟଣ ମହାନ୍ତି , ଶିବ ଚରଣ ସୌରଭ ,ରାଜେଶ୍ ଦାସ୍ ,ସମସ୍ତ ସଦସ୍ୟ ଓ ବରିଷ୍ଠ ଖେଳାଳୀ ମାନେ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି ,ଏହି ଦଳ ସହିତ ଭଦ୍ରକ ଜିଲ୍ଲାରୁ ରାଜ ତିଲକ ସ୍ୱାଇଁ ପ୍ରଶିକ୍ଷକ ରୂପେ ଯାତ୍ରା କରୁଛନ୍ତି ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା : ୬ ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା

ମୟୂରଭଞ୍ଜ, ୦୯/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ସେପଟ୍ଟେମ୍ବର ମାସରେ ଅବସର ଗ୍ରହଣ କରିଥିବା ୬ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ସମସ୍ତ ସରକାରୀ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ରୁ ଏହି କର୍ମଚାରୀ ମାନେ ଅବସର ଗ୍ରହଣ କରିଛନ୍ତି ଓ ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଂଜନ ଆଚାର୍ଯ୍ୟ ସମସ୍ତଙ୍କ ସୁସ୍ଥ ନିରାମୟ କାମନା କରିଥିଲେ । ଖୁଣ୍ଟା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ । ସେକ୍ସନ ଅଫିସର ସୁଦିପ୍ତ କୁମାର ମୋଲିକ୍,ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ ବରିଷ୍ଠ ସହାୟକ ପିନାକୀ ବେରା, କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ବିଦାୟୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ତରୀୟ ଉନ୍ନତି କାମନା କରିଥିଲେ ଓଏଥିରେ ବହଳଦା ବ୍ଲକର ଜାରିଡାଣ୍ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜ କିଶୋର ମହାନ୍ତ, ତିରିଂ ବ୍ଲକର ବଡଭୁଣ୍ଟୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ବସା, କରଞ୍ଜିଆ ବ୍ଲକର କେରକେରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭାନୁମତି ମହାନ୍ତ, ବିଶୋଇ ବ୍ଲକର ବି.ଏସ.ଆଇ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିନୋଦ କୁମାର ମହାନ୍ତ, ଠାକୁରମୁଣ୍ଡା ବ୍ଲକର ଏସ.ସି ହାଇସ୍କୁଲର ଶିକ୍ଷକ ଅଞ୍ଜନ କୁମାର ପଲେଇ,ଶୁଳିଆପଦା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ମାଝିଆଣି ତୋଫାର ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରେଶ ଚନ୍ଦ୍ର ଭଞ୍ଜଙ୍କର ସମସ୍ତ ପେନସନ କାଗଜପତ୍ର ପ୍ରଦାନ କରାଯାଇଥିଲାଓ ପ୍ରାରମ୍ଭରେ ଅବସରପ୍ରାପ୍ତ କୃତି ଶିକ୍ଷକ ଡକ୍ଟର ଶଶୀଧର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ ଦେଇଥିଲେ ଏବଂ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ ଓଏଥିରେ ଓଷ୍ଟାର ରାଜ୍ୟ ଉପ ସଭାପତି ଜ୍ଞାନ ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ନୀଳଗିରିରେ ୪୧ତମ ସାର୍ବଜନୀନ ରାବଣପୋଡ଼ି ଉତ୍ସବ ପାଳିତ



ନୀଳଗିରି, ୦୯/୧୦ (ନି.ପ୍ର): ନୀଳଗିରି ଥାନାପଡ଼ିଆରେ ୪୧ତମ ସାର୍ବଜନୀନ ରାବଣପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ରାବଣପୋଡ଼ି କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କମିଟିର ଉପଦେଷ୍ଟା ସଦାଶିବ ରଥ,ଉପସଭାପତି ବିଶ୍ୱନାଥ ଦାସ, ସାଧାରଣ ସମ୍ପାଦକ ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ଯୁବ ଉପସଭାପତି ଦୈତାରୀ ମହାଳିକ ପ୍ରମୁଖ ମଞ୍ଚାସୀନରହି ଅସତ୍ୟ ଉପରେ ସତ୍ୟର ଜୟ ସଦାସର୍ବଦା ରହିଥିବା ମତ ରଖିଥିବାବେଳେ ଆଜିର ସମୟରେ ବହୁ ରାବଣରୂପୀ ମଣିଷ ରାକ୍ଷସ ସମାଜକୁ କ୍ଷତବିକ୍ଷତ କରିଚାଲିଥିବାରୁ ଏହାର ମୁଳପ୍ରାଡନ ପାଇଁ ନିଜକୁ ସଂଜମୀ ହେବାକୁ ଉପଦେଶ ଦେଇ ରାବଣପୋଡି ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ନୀଳଗିରିର ନଟରାଜ ସଂଗୀତ କଳାକେନ୍ଦ୍ରର କୁନିକୁନି ପିଲାମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।
ପରେ ସମବେତ ଜନତାଙ୍କ ଉପସ୍ଥିତିରେ ଆକାଶ ଛତାରେ ଅଗ୍ନିସଂଯୋଗ କରିବା ପରେ ରାବଣ ଦେହରେ ଅଗ୍ନି ସଂଯୋଗ କରାଯାଇଥିଲା ।ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଦର୍ଶକ ଏହି ରାବଣପୋଡି ଉତ୍ସବ ଉପଭୋଗ କରିଥିଲେ । ଶାନ୍ତିଶୃଙ୍ଖଳା ଏବଂ ସୁରକ୍ଷାକୁ ଆଖିଆଗରେ ରଖି ନୀଳଗିରି ପୋଲିସ ଏବଂ ଦମକଳ ବାହିନୀ ମୁତୟନ ହୋଇଥିବା ଦେଖାଯାଇଥିଲା ।

# ଗାଁ ଭିତରେ ଚୋରା ମଦ ବନ୍ଦ କରିବାକୁ ମହିଳାଙ୍କ ଦାବି

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଚୋରା ମଦ ବିକ୍ରିହେଉଥିବାରୁ ସ୍ଥାନୀୟ ଅଂଚଳରେ ଏହାର କୁପ୍ରଭାବ ପଡୁଛି । ଏହାକୁ ବନ୍ଦ କରିବା ପାଇଁ ଗ୍ରାମର ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଗ୍ରାମରେ ବିକ୍ରିହେଉଥିବା ଚୋରା ମଦ ବନ୍ଦ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ରରେ ମହିଳାମାନେ ଜଣାଇଛନ୍ତି ଯେ, ଚୋରା ମଦ ବିକ୍ରି ହେବା ଯୋଗୁଁ ଗ୍ରାମର ଯୁବକ, ଯୁବତୀ ଏବଂ ମହିଳା ମାନେ ଯାତାୟତ ରେ ଅସୁବିଧା ଭୋଗିବା ସହ ଏହାକୁ ବନ୍ଦ କରିବା ପଇଁ ଦାବି କଲେ ଚୋରା ମଦ ବେପାରୀ ମାନେ ହତ୍ୟା କରିବା ପଇଁ ଧମକ ଦେଉଛନ୍ତି ।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ



ବାଲେଶ୍ୱର, ୦୯/୧୦ (ନି.ପ୍ର): ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ବ୍ଲକ୍‌ସ୍ତରୀୟ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସଦର ବ୍ଲକ୍‌ରେ କୃତୀ ପ୍ରତିଯୋଗୀମାନଙ୍କୁ ବୁଧବାର ଦିନ ପୂର୍ବାହ୍ନରେ ପ୍ରମାଣପତ୍ର, ନଗଦ ଅର୍ଥ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏଥିପାଇଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ ମୁଖ୍ୟଅତିଥି ଭାବେ ଓ ମଞ୍ଚର ବରିଷ୍ଠ କର୍ମକର୍ତ୍ତା ଗୌରାଙ୍ଗ ପାଣିଗ୍ରାହୀ, ଶିକ୍ଷାବିତ୍ ଦେବେନ୍ଦ୍ରନାଥ ଚୌଧୁରୀ, ବ୍ଲକ୍‌ର ସେକ୍ସନ୍ ଅଫିସର୍ ମହେଶ୍ୱର ଶିଅଳ ଓ ଫାଇନାନ୍ସ ଅଫିସର ସୁକାନ୍ତ କୁମାର ବିଶ୍ୱାଳ ସମ୍ମାନୀତ ଅତିଥି ଏବଂ ବକ୍ତାଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ଟାଉନ୍ ହାଇସ୍କୁଲ୍‌ର ଉର୍ବଶୀ ବାଇ ଓ ପ୍ରିୟଙ୍କା ଆଢ୍ୟ, ପୋଲିସ୍ ହାଇସ୍କୁଲ୍‌ର ଅଙ୍କିତା ପାଢ଼ୀଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ । ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ଦେଶର ସୁନାଗରିକ ହେବାକୁ ଓ ସମାଜରେ ବରିଷ୍ଠ ବ୍ୟକ୍ତିମାନଙ୍କୁ ଯଥାସମ୍ମାନ ଦେବାକୁ ଅତିଥିମାନେ ଉପଦେଶ ଦେଇଥିଲେ । ସଭାକାର୍ଯ୍ୟ ଆରମ୍ଭରେ ଅତିଥିମାନେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଉତ୍ସବରେ ବ୍ଲକ୍‌ର ସାମାଜିକ ସୁରକ୍ଷା ଅଧିକାରୀ ଶର୍ମିଷ୍ଠା ପାତ୍ର ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ଜେନା, ଲକ୍ଷ୍ମଣ ମଲ୍ଲିକ ଓ ଶରତ ତରେଇ ପ୍ରମୁଖ ସହାୟତା କରିଥିଲେ ।

OFFICE OF THE COLLECTOR & DISTRICT MAGISTRATE, BALASORE

(Tourism Section)

No. 685 date 08.10.25

**EXPRESSION OF INTEREST**

Expression of Interest is invited from experienced Event Management Agencies/Firms/Hoteliers/Kalyani Mandaps for making logistic arrangement for two Pilgrimage Trips (having 800 pilgrims in each Trip) starting on date **07.11.2025 to 12.11.2025 and 07.01.2026 to 12.01.2026** from Balasore Railway Station under Baristha Nagarika Tirtha Yatra Yojna **(BNTYY)2025-26.** EOI is invited separately for the work below:

**(1) Arrangement of Accommodation & Fooding for Pilgrims (800 nos.in each trip) during their short stay one day before the journey date i.e on 06.11.2025 & 06.01.2026.**

**(2) Logistic arrangement for flag off ceremony on journey date i.e. 07.11.2025 and 07.01.2026.**

A bidder is eligible to submit the sealed tender for either any one or both the bids. The complete set of bid documents are available at the **District Tourist Office,** Government of Odisha, Police Line, Balasore or may be downloaded from the district website www.balasore.odisha.gov.in. Last date of submission of EOI is **24.10.2025 upto 1 P.M.**

**OIPR: 24242/11/0016/2526**

**COLLECTOR & D.M., BALASORE**

# ଆମ୍ବୁଲାନ୍ସକୁ ଧକ୍କା ଦେଲା କାର : ଅଳ୍ପକେ ବର୍ତ୍ତିଲେ ୫ ଜଣ

ଧର୍ମଶାଳା, ୦୯/୧୦ (ନି.ପ୍ର): ଯାଜପୁରର ଜିଲା ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅନ୍ତର୍ଗତ କାଏମା-ରମାପୁର କେଲୁଅ-ନଦୀ ବନ୍ଧ ରାସ୍ତା ସାପ୍ତାହିକ ହାଟ ଗଡା ନିକଟରେ ଏକ ୧୦୮ ଆମ୍ବୁଲାନ୍ସକୁ ଧକ୍କା ଦେଲା ମାରୁତି ସୁ ?ଇଫ୍ଟ କାର । ଫଳରେ ଉଭୟ ଗାଡିରେ ଥିବା ଜଣ ଜଣ ଏକ ବଡ ବିପଦରୁ ବର୍ତ୍ତି ଯାଇଛନ୍ତି । ଘଟଣାସ୍ଥଳରୁ କୋତପୁର ପୋଲିସ ଦୁଇଟି ଦୁର୍ଘଟଣାଗସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ମିଳିଥିବା ସୂଚନା ମୁତାବକ, ଆଜି ଦିନ ୧୨ଟା ସମୟରେ ଏକ ୧୦୮ଆମ୍ବୁଲାନ୍ସ (ଓଡି୦୨ ବିଜେ୬୭୭୨)ରସୁଲପୁର ବ୍ଲକ ବନ୍ଧଡିହ ଅଂଚଳରୁ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା । ତେବେ ସେମାନଙ୍କୁ ଛାଡି ବରୀ ଅଂଚଳକୁ ଆମ୍ବୁଲାନ୍ସଟି ଫେରୁ ଥିବା ସମୟରେ କାଏମା-ରମାପୁର କେଲୁଅ ନଦୀ ବନ୍ଧ କୋତପୁରସ୍ଥିତ ସାପ୍ତାହିକ ହାଟ ଗଡା ନିକଟରେ ଏକ ମାରୁତି ସୁଇଫ୍ଟ କାର(ଓଡି୦ସିଟି୨୮୯୮) ନଦୀ ବନ୍ଧକୁ ଉଠିବା ସମୟରେ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା । ଉଭୟ ଗାଡିର ଆଗ ଭାଗିଁ ଚୁରମାର ଯାଇଥିବା ବେଳେ ଆମ୍ବୁଲାନ୍ସର ଡ୍ରାଇଭର,ଫାର୍ମସିଷ୍ଟ ଓ ଆଟେନାଣ୍ଡଙ୍କ ସହ କାର ଭିତରେ ଥିବା ଜଣେ ଚାଳକ ସହ ଜଣେ ଯୁବକ ଏକ ବଡ ବିପଦରୁ ବର୍ତ୍ତି ଯାଇଥିବା ଜଣାପଡିଛି । ସ୍ଥାନୀୟ ଲୋକେ ସେମାନଙ୍କୁ ଉଭୟ ଗାଡି ଭିତରୁ ଉଦ୍ଧାର କରି ଥିଲେ । ତେବେ ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭର ଓ କାର ଭିତରେ ବସିଥିବା ଜଣେ ଯୁବକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଖବର ପାଇ କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଘଟଣାସ୍ଥଳରୁ ଗାଡି ୨ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ସେଲ ଆରଏସପିର ମାନବ ସମ୍ବଳ ବିଭାଗର ୧୩ ଜଣ କର୍ମଚାରୀ ସାବାଶ ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ

ସେଲ୍, ୦୯/୧୦ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମାନବ ସମ୍ବଳ ବିଭାଗୀୟ ମୋଟ ୧୩ ଜଣ କର୍ମଚାରୀଙ୍କୁ ସେପଟ୍ଟେମ୍ବର ୨୭ ତାରିଖରେ ଇଡ଼ି ଏଚଆର ସଚିବାଳୟର ସମାଧାନ ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସେଲ ଶାବାସ' ଯୋଜନା ଅଧୀନରେ ସେମାନଙ୍କର ଅନୁକରଣୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା । ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି କାର୍ମିକଙ୍କୁ ଶାବାସ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମାନବ ସମ୍ବଳ ବିଭାଗର ସିଜିଏମ ଶ୍ରୀ ମାନସ ରଞ୍ଜନ ରଥ, ଆଇନ ବିଭାଗର ସିଜିଏମ ଡକ୍ଟର ଚିନ୍ମୟ ସମଜଦାର, ଏଲ ଆଣ୍ଡ ଡ଼ି ବିଭାଗର ସିଜିଏମ ଶ୍ରୀ ପି କେ ସାହୁ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ଶ୍ରୀ ବି କେ ଜୋଜୋ, ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର, ଏବଂ ଏଚଆର ବିଭାଗ ଅଧୀନସ୍ଥ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ, ଶ୍ରୀ ମିଶ୍ର ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ସମସ୍ତ କର୍ମଚାରୀଙ୍କୁ ଆରଏସପି ଓ ସେଲର ହିତ ପାଇଁ ଏପରି ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଅନୁକରଣ କରିବାକୁ ଆହ୍ୱାନ ଦେଇଥିଲେ ।

ପୁରସ୍କାର ବିଜେତାମାନେ ମାନବ ସମ୍ବଳ, ସହର ଇଞ୍ଜିନିୟରିଂ, ସହର ସେବା, ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ, ସିଏସଆର ଏବଂ ଉଦ୍ୟାନ କୃଷି ବିଭାଗର ଥିଲେ । ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ସୋମଦତ୍ତ ତ୍ରିପାଠି ସଂଯୋଜନା କରିଥିଲେ ।

# ସୋସିଆଲ ମିଡିଆ ବିଗାଡୁଛି ମାନସିକ ସ୍ୱାସ୍ଥ୍ୟ



ମାନସିକ ସ୍ୱାସ୍ଥ୍ୟ ଉପରେ ସୋସିଆଲ ମିଡ଼ିଆର ପ୍ରଭାବ

## ଲାଇକ୍, ସେୟାର କମିଗଲେ ଗ୍ରହଣ କରିବା ହେଉନି ସହଜ

- -ସକାଳେ ଉଠିବା ମାତ୍ରେ ପ୍ରଥମେ ମୋବାଇଲ୍ ଖୋଜନ୍ତି ଯୁବପିଢ଼ି
- -ଇନଷ୍ଟାଗ୍ରାମରେ ଫଟୋ ଅପଲୋଡ୍ ସହ ଫେସ୍‌ବୁକରେ କରନ୍ତି ଷ୍ଟାଟସ୍ ଅପଡେଟ୍
- -ପୂର୍ବରୁ ସୋସିଆଲ୍ ମିଡିଆ ସମ୍ପର୍କ ଯୋଡ଼ିବାର ଏକ ମାଧ୍ୟମ ଥିଲା
- - ଧୀରେ ଧୀରେ ଏହି ଧାରାରେ ପରିବର୍ତ୍ତନ ଆସିଛି
- -ସୋସିଆଲ ମିଡିଆରେ ଏବେ ଲାଇକ, ସେୟାରର ଲଢ଼େଇ ଚାଲିଛି
- -ଏହାଦ୍ୱାରା ବନ୍ଧୁ ମାନଙ୍କ ମଧ୍ୟରେ ସମ୍ପର୍କ ବିଗିଡୁଥିବା ଦେଖିବାକୁ ମିଳୁଛି

ପାଗଳ କରୁଛି ସୋସିଆଲ ମିଡିଆ । ଆଜିକାଲିର ଯୁବପିଢ଼ିମାନଙ୍କ ପାଇଁ ସୋସିଆଲ ମିଡ଼ିଆ ବ୍ୟବହାର କରିବା ଯାହା ଦୈନନ୍ଦିନ ଜୀବନରେ ଖାଇବା, ପିଇବା, ନିଶ୍ୱାସ,ପ୍ରଶ୍ୱାସ ନେବା ତାହା । ସକାଳେ ନିଦ ଭାଙ୍ଗିବା ଠାରୁ ଆରମ୍ଭ କରି ରାତିରେ ଶୋଇବା ଯାଏ ସୋସିଆଲ ମିଡିଆ ସ୍କ୍ରଲ କରିବା, ଷ୍ଟୋରୀ ଅପଲୋଡ କରିବା ଓ ଷ୍ଟାଟସ୍ ଅପଡେଟ୍ କରିବାକୁ ଭୁଲୁନାହାନ୍ତି ଯୁବପିଢ଼ି । ସୋସିଆଲ ମିଡ଼ିଆ ମାଧ୍ୟମରେ ଦେଶ ଦୁନିଆ ବାବଦରେ ଚୁଟକିରେ ଖବର ମିଳୁଛି ସତ, ହେଲେ ଏହାର କେତେକ ଅପକାରିତା ମଣିଷର ଜୀଇଁବାର ଶୈଳୀକୁ ବିଗାଡ଼ି ଦେଇଛି । ସୋସିଆଲ୍ ମିଡିଆର ଅଭ୍ୟାସଗୁଡ଼ିକ ଧୀରେ ଧୀରେ ମନୋଭାବକୁ ପ୍ରଭାବିତ କରିବା ସହ ମାନସିକ ସ୍ୱାସ୍ଥ୍ୟକୁ ମଧ ଖରାପ କରୁଛି ।

କେବଳ ଲାଇକ୍ ସେୟାର ନୁହେଁ, ସୋସିଆଲ ମିଡ଼ିଆ ବ୍ୟବହାରକାରୀମାନେ ନିଜ ଜୀବନକୁ ଏହାକୁ ନେଇ ମୂଲ୍ୟାଙ୍କନ କରିବା ଆରମ୍ଭ କରିଦେଇଛନ୍ତି । ପ୍ରତ୍ୟେକ ଲାଇକ୍ ଏବଂ କମେଣ୍ଟରେ ମସ୍ତିଷ୍କକୁ ଏକ ଛୋଟ ଖୁସି ମିଳିଥାଏ



ଏବଂ ଧୀରେ ଧୀରେ ଏହା ଏକ ନିଶା ପରି ହୋଇଯାଏ । ଯଦି ପୋଷ୍ଟକୁ କମ୍ ଲାଇକ୍ ମିଳେ, ମନ ଓ ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡ଼ିଥାଏ । ଯାହଦ୍ୱାରା ମାନସିକ ଚାପ, ଚିନ୍ତା ଏବଂ କେତେକ ସମୟରେ ଅବସାଦ ଭଳି ଅବସ୍ଥା ଦେଇ ଗତି କରିବାକୁ ପଡ଼େ । ଏଭଳି ସ୍ଥିତିରେ ଭୁଲ୍ ନିଷ୍ପତ୍ତି ନେବାକୁ ମଧ ଆଜିର ମଣିଷ ପଛଘୁଞ୍ଚା ଦେଇନଥାଏ । ସୋସିଆଲ ମିଡିଆକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ିବାର ଆବଶ୍ୟକତା ନାହିଁ, କିନ୍ତୁ ଏହାକୁ ସନ୍ତୁଳିତ ଭାବରେ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ । ଦିନରେ ସୋସିଆଲ ମିଡିଆ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖିବା ଉଚିତ, ଅନାବଶ୍ୟକ ସ୍କ୍ରଲିଂ ଏଡ଼ାଇବା ସହ ଶୋଇବା ପୂର୍ବରୁ ଫୋନ୍ ବ୍ୟବହାର ଅଭ୍ୟାସ ତ୍ୟାଗ କଲେ ସୋସିଆଲ ମିଡ଼ିଆ ସିଣ୍ଡ୍ରୋମରୁ ମିଳିପାରିବ ମୁକ୍ତି ।

# ସ୍ୱାସ୍ଥ୍ୟ ପାଇଁ ନୂଆ ଆଶା : କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗର ବଢ଼ୁଛି ଚାହିଦା



## କୃତ୍ରିମ ଅଙ୍ଗ ପ୍ରତିରୋପଣ ନୁହେଁ ସହଜ

- -ପ୍ରତିରୋପଣ କରିବା ପୂର୍ବରୁ ଅନେକ ପ୍ରକାରର ପରୀକ୍ଷା ହୁଏ
- -ରିପୋର୍ଟ ସ୍ୱାଭାବିକ ହେଲେ ହିଁ ଏଗୁଡ଼ିକୁ ପ୍ରତିରୋପଣ କରାଯାଏ
- -ପ୍ରତିରୋପଣ ପରେ ଅଙ୍ଗଗୁଡ଼ିକର ପ୍ରତିକ୍ରିୟା ଉପରେ ନଜର ରଖାଯାଏ
- -ବ୍ୟକ୍ତି ସେଗୁଡ଼ିକୁ କିପରି ପରିଚାଳନା କରେ ତାହା ମଧ ଦେଖାଯାଏ

ଜନ୍ମଗତ ହେଉ ଅବା ଦୁର୍ଘଟଣା ଜନିତ କାରଣରୁ ମଣିଷ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ହରାଇଥାଏ । ଜନ୍ମରୁ କାହାର ହାତ, ଗୋଡ଼ ନଥାଏ ତ ଆଉ କାହାର ଦୁର୍ଘଟଣାରେ ଅଙ୍ଗ ନଷ୍ଟ ହୋଇଯାଏ । ପୂର୍ବରୁ ଯଦି ଜଣେ ବ୍ୟକ୍ତିର ଶରୀରରେ କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହେଉଥିଲା, ସେତେବେଳେ ଏହାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ଅଙ୍ଗ ଦ୍ୱାରା ବଦଳା ଯାଉଥିଲା । ଯାହାକୁ ଅଙ୍ଗ ପ୍ରତିରୋପଣ କୁହାଯାଏ । କେତେକ କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ କରାଯାଇଥାଏ । ଆଉ କେତେବେଳେ ଏଥିପାଇଁ ଅପରପକ୍ଷଙ୍କୁ ରାଜି କରାଇବାକୁ ପଡ଼େ । ତେବେ ଏସବୁ ସମସ୍ୟାର ସମାଧାନ ଦିଗରେ କୃତ୍ରିମ ଅଙ୍ଗ ନୂତନ ଆଶା ସୃଷ୍ଟି କରିଛି । ଏଗୁଡ଼ିକୁ ଜଣେ ବ୍ୟକ୍ତିଙ୍କ ଶରୀରରେ କ୍ଷତିଗ୍ରସ୍ତ ଅଙ୍ଗ ସ୍ଥାନରେ ଲଗାଯାଇଥାଏ । ଏହା ବ୍ୟକ୍ତିଙ୍କ ଜୀବନକୁ ଉନ୍ନତ କରିବା ସହ ଜୀବନ ପ୍ରତି ବିପଦକୁ ମଧ ହ୍ରାସ କରିଥାଏ ।

ଏକ କୃତ୍ରିମ ଅଙ୍ଗ କିପରି କାର୍ଯ୍ୟ କରେ ତାହା କେଉଁ ଅଙ୍ଗ ସ୍ଥାନରେ ଲଗାଯାଉଛି ତାହା ଉପରେ ନିର୍ଭର କରେ । ଏହାର ମୁଖ୍ୟ କାର୍ଯ୍ୟ ହେଉଛି ଏକ ପ୍ରକୃତ ଅଙ୍ଗ ପରି କାମ କରିବା । ଉଦାହରଣ ସ୍ୱରୂପ, ଯଦି କେହି ଏକ କୃତ୍ରିମ ହୃଦୟ ଲଗାଇଥା'ନ୍ତି ,ତେବେ ଏହାର କାର୍ଯ୍ୟ ହେଉଛି ରକ୍ତ ପମ୍ପ୍ କରିବା । ଏଥିପାଇଁ ଏକ ପମ୍ପିଂ ସିଷ୍ଟମ୍ ଏବଂ ବ୍ୟାଟେରୀ ଅଛି ଯାହା ସମଗ୍ର ଶରୀରକୁ ରକ୍ତ ପଠାଇଥାଏ । ଏହାକୁ ଛାତିରେ ପ୍ରତିରୋପଣ କରାଯାଏ ଯେଉଁଠାରେ ହୃଦୟ ଥାଏ । ସେହିପରି କୃତ୍ରିମ କିଡନିରେ ରକ୍ତକୁ ବିଶୋଧିତ କରିବାକୁ ବ୍ୟବସ୍ଥା ରହିଥିବା ବେଳେ ଆଖି ପାଇଁ କୃତ୍ରିମ କର୍ଣ୍ଣିଆ ରହିଥାଏ । ତେବେ ପ୍ରତ୍ୟେକ ଆବଶ୍ୟକତା ଥିବା ବ୍ୟକ୍ତିଙ୍କଠାରେ ସହଜରେ ପ୍ରତିରୋପଣ ହୋଇପାରିନଥାଏ, ଜାଣନ୍ତୁ ଏହାର କାରଣ ।

୨୦୨୪ ଗ୍ଲୋବାଲ ଡାଟା ରିପୋର୍ଟ ଅନୁଯାୟୀ, ୨୧ଟି କୃତ୍ରିମ ଫୁସଫୁସ୍ ବିଶ୍ୱରେ ବିଭିନ୍ନ ବିକାଶ ପର୍ଯ୍ୟାୟରେ ରହିଛି । ଏଥିମଧ୍ୟରୁ ୭ଟି ସକ୍ରିୟ ବିକାଶ ପର୍ଯ୍ୟାୟରେ ଅଛି । ଯଦି ଏହା ସଫଳ ହୁଏ, ତେବେ ଲୋକଙ୍କଠାରେ କୃତ୍ରିମ ଫୁସଫୁସ୍ ମଧ ପ୍ରତିରୋପଣ କରାଯାଇପାରିବ । ତଥାପି ବିପଜ୍ଜନକ ପରିସ୍ଥିତିରେ ଲୋକଙ୍କୁ ଋଉଗଡ ଅର୍ଥାତ୍ କୃତ୍ରିମ ଫୁସଫୁସ୍ ସହାୟତା ପ୍ରଦାନ କରାଯାଏ । କିନ୍ତୁ ଏପର୍ଯ୍ୟନ୍ତ ଶରୀରରେ ଏହାର ସ୍ଥାୟୀ ପ୍ରତିରୋପଣ କରାଯିବା ସମ୍ଭବ ହୋଇପାରିନାହିଁ ।

# ସୋୟା କଟ୍‌ଲେଟ୍: ଜାଣନ୍ତୁ କେମିତି କରିବେ ପ୍ରସ୍ତୁତି



ଆବଶ୍ୟକ ସାମଗ୍ରୀ: ସୋୟାବିନ୍- ୫୦ ଗ୍ରାମ୍, ଆଳୁ- ୫୦ ଗ୍ରାମ୍ (ସିଝା), ଗରମ ମସଲା- ଅଧା ଚାମଚ, ଧନିଆପତ୍ର- ଅଳ୍ପ, ଗୋଲମରିଚ ଗୁଣ୍ଡ- ଅଳ୍ପ, ଗାଜର- ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ- ଅଳ୍ପ, ବେସନ- ୨ ଚାମଚ, ରସୁଣ- ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ । ଆଳୁକୁ ସିଝାଇ ସେଥିରୁ ଚୋପାର ବାହାର କରିଦିଅନ୍ତୁ । ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ । ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ । ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ । ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲକରି ରଖନ୍ତୁ । ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ । ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣିନିଅନ୍ତୁ । ଏବେ ଏହି କଟ୍‌ଲେଟଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ ।

# ମୋଟାପଣକୁ କମ୍ ଦେଖାଇଥାଏ ଏହି କଲର ଆଉଟ୍‌ଫିଟ୍

ଷ୍ଟାଇଲିଶ୍ ଓ ଗ୍ଲାମର୍ସ ଦେଖାଯିବା ପାଇଁ ହେଲେ ପ୍ରଥମେ ନିଜ ଆଉଟ୍‌ଫିଟ୍ ଉପରେ ଧ୍ୟାନଦେବାକୁ ହେବ । ତେବେ ବ୍ଲାକ୍ କଲର ଆଉଟ୍‌ଫିଟ୍ ମୋଟାପଣକୁ କମ୍ ଦେଖାଇଥାଏ । ତେଣୁ ପ୍ଲସ୍ ସାଇଜ୍ ମହିଳା ଏହି ରଙ୍ଗର ବିଭିନ୍ନ ଡିଜାଇନ ଆପଣାଇ ପାରିବେ...



ବ୍ଲାକ୍ କଲର ଡ୍ରେସ୍ କିଣୁଥିଲେ ପ୍ରିଣ୍ଟେଡ୍‌ର ଲମ୍ବା ଡ୍ରେସ୍ କିଣନ୍ତୁ । ଏଭଳି ଡ୍ରେସ୍ ପିନ୍ଧିଲେ ପତଳା ଦେଖାଯିବେ । ଯଦି ହାଇଟ୍ ଠିକ୍ ଥିବ ଓ ପ୍ଲସ୍ ସାଇଜ୍ ହୋଇଥିବ ତା'ହେଲେ ଭର୍ଟିକାଲ ଲାଇନ୍ ପ୍ରିଣ୍ଟଥିବା ଡ୍ରେସ୍ ପିନ୍ଧନ୍ତୁ । ବ୍ଲାକ୍‌ର ବେଲ୍ଟ ଡ୍ରେସ୍ ମଧ ପ୍ଲସ୍ ସାଇଜ୍ ମହିଳାଙ୍କୁ ଭଲ ଲାଗିବ । ଏଭଳି ଡ୍ରେସ୍‌ରେ ବଡି ଫ୍ୟାଟ୍ କମ୍ ଲାଗିବ । ତେବେ ମୋଟା ବେଲ୍ଟ ପିନ୍ଧନ୍ତୁ, କିଛି ମାତ୍ରାରେ ପେଟ ଚାପି ହୋଇ ଛୋଟ ଲାଗିବ । କଟନ୍ ଓ ଡେନିମ୍ ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ ନାହିଁ, ଏଥିରେ ଅଧିକ ମୋଟା ଜଣାପଡ଼ିବ । ଲାଇଲନ୍ କ୍ରେପ୍ ଓ ଶିଫନ୍ ଭଳି ଫାବ୍ରିକ୍‌ର ଫିଟିଂ ଡ୍ରେସ୍ ପିନ୍ଧନ୍ତୁ, ପତଳା ଦେଖାଯିବେ । ବ୍ଲାକ୍ ଶାଢ଼ିରେ ମଧ ମୋଟାପଣକୁ କିଛି ମାତ୍ରାରେ ଲୁଚାଇ ହେବ । ଶାଢ଼ିରେ ମଧ ଭର୍ଟିକାଲ୍ ପ୍ରିଣ୍ଟ ପିନ୍ଧନ୍ତୁ ଅଧିକ ପତଳା ଲାଗିବେ । ତେବେ ଶାଢ଼ି ପିନ୍ଧିବା ସମୟରେ ପେଟିକୋଟ୍ ଠିକ୍ ଭାବେ ବାନ୍ଧନ୍ତୁ ନଚେତ୍ ମୋଟା ଲାଗିବେ ।

# ଓଜନ ହ୍ରାସ ପାଇଁ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଉପାୟ ...





ସମସ୍ତେ ଆଜିକାଲି ଦୁନିଆ ରେ ଫିଟ୍ ରହିବା ପାଇଁ ଚାହାଁନ୍ତି ସେଥିପାଇଁ ଜିମ୍ ଯିବା ସହ ସକାଳୁ ବ୍ୟାୟାମ କରିବା ସୁସ୍ଥ ଖାଦ୍ୟ ଖାଇବା ଉପରେ ଧ୍ୟାନ ଦେଉଛନ୍ତି ଯୁବପିଢି । କିନ୍ତୁ ଆମର ଜୀବନଶୈଳୀ ଆଉ ମାନସିକ ଚିନ୍ତା ଯୋଗୁଁ ଏହାର ପ୍ରଭାବ ମଧ ଆମ ଶରୀର ଉପରେ ପଡିଥାଏ । ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି । ସଭିଏଁ ଚାହାନ୍ତି ଫିଟ୍ ରହିବାକୁ । ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ । ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ ।

ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ ।

କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ । ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ । ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ ? ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ ।

ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି । ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ । ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ । ତାହାକୁ ଖୁବ୍ ସାନ ସାନ କରି କାଟିଦିଅନ୍ତୁ । ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ । ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ । ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ । ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ । ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି । ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ । ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି । ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୦ ଅକ୍ଟୋବର ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଟ୍ରମ୍ପଙ୍କ ମିଥ୍ୟା ଓ ପୃଥିବୀର ସତ୍ୟ

ସେପ୍ଟେମ୍ବର ୨୩ ତାରିଖରେ ଜାତିସଂଘ ସାଧାରଣ ସଭାରେ ଦେଇଥିବା ନିଜ ଭାଷଣରେ, ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜଳବାୟୁ ପରିବର୍ତ୍ତନକୁ ଏକ 'ପ୍ରହସନ' ବୋଲି କହିଛନ୍ତି । ସେ ଦାବି କରନ୍ତି ଯେ ଜଳବାୟୁ ମଡେଲଗୁଡିକର ଭବିଷ୍ୟବାଣୀ ଭୁଲ ଏବଂ ଏହା ପଛରେ କୌଣସି ବୈଜ୍ଞାନିକ ସତ୍ୟତା ନାହିଁ । କିନ୍ତୁ ବାସ୍ତବରେ, ଏହି ମନ୍ତବ୍ୟଗୁଡିକ କେବଳ ଅଜ୍ଞତାପ୍ରସୂତ ନୁହେଁ, ବରଂ ମାନବ ସଭ୍ୟତାର ଭବିଷ୍ୟତ ପାଇଁ ମଧ୍ୟ ଅତ୍ୟନ୍ତ ବିପଜ୍ଜନକ । ଯେତେବେଳେ ଟ୍ରମ୍ପଙ୍କ ପରି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପଦବୀରେ ଥିବା ବ୍ୟକ୍ତିମାନେ ଏଭଳି ମନ୍ତବ୍ୟ ଦିଅନ୍ତି, ସେତେବେଳେ ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବିଶ୍ୱସ୍ତରୀୟ ପ୍ରୟାସ ବାଧାପ୍ରାପ୍ତ ହୁଏ ।

ପ୍ରଥମେ ବୁଝିବାକୁ ହେବ ଯେ ଜଳବାୟୁ ମଡେଲଗୁଡିକ କିପରି କାମ କରେ । ଏଗୁଡିକ ହେଉଛି ଜଟିଳ କମ୍ପ୍ୟୁଟର ପ୍ରୋଗ୍ରାମ ଯାହା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନର ନିୟମ ଉପରେ ଆଧାରିତ । ପୃଥିବୀର ବାୟୁମଣ୍ଡଳ, ମହାସାଗର, ସ୍ଥଳଭାଗ ଏବଂ ବରଫର ପାରସ୍ପରିକ କ୍ରିୟାକୁ ଏହି ମଡେଲଗୁଡିକ ଅନୁକରଣ କରନ୍ତି । ଏହା ଦ୍ୱାରା ବୈଜ୍ଞାନିକମାନେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ଜଳବାୟୁକୁ ବୁଝିପାରନ୍ତି । ଏହି ମଡେଲଗୁଡିକ ହିଁ ଆମକୁ କହିଥାଏ ଯେ ସବୁଜଗୃହ ଗ୍ୟାସର ନିର୍ଗମନ ବଢିଲେ ତାପମାତ୍ରା କିପରି ବଢିବ, ସମୁଦ୍ର ସ୍ତର କେତେ ଉପରକୁ ଉଠିବ ଏବଂ ଭୟଙ୍କର ପାଣିପାଗ ଘଟଣାଗୁଡିକର ସମ୍ଭାବନା କେତେ ବଢିବ । ଏହା ସତ ଯେ କୌଣସି ମଡେଲ ସମ୍ପୂର୍ଣ୍ଣ ତ୍ରୁଟିହୀନ ନୁହେଁ । କିନ୍ତୁ ବିଗତ କିଛି ଦଶନ୍ଧି ଧରି ଏହି ମଡେଲଗୁଡିକର ଭବିଷ୍ୟବାଣୀ ଅନେକାଂଶରେ ସଠିକ ପ୍ରମାଣିତ ହୋଇଛି । ଉଦାହରଣ ସ୍ୱରୂପ, ସମୁଦ୍ର ସ୍ତରର ବୃଦ୍ଧି ଏବଂ ଆର୍କଟିକ୍ ବରଫ ତରଳିବା ବିଷୟରେ ଏହି ମଡେଲଗୁଡିକ ଯାହା କହିଥିଲେ, ତାହା ବାସ୍ତବରେ ଘଟୁଛି ।

ବିଶ୍ୱ ପାଣିପାଗ ସଂଗଠନ (WMO) ର ୨୦୨୫-୨୦୨୯ ପାଇଁ ପ୍ରକାଶିତ 'ଗ୍ଲୋବାଲ୍ ଆନୁଆଲ୍ ଟୁ ଡିକେଡାଲ୍ କ୍ଲାଇମେଟ୍ ଅପଡେଟ୍' ଅନୁଯାୟୀ, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବୈଶ୍ୱିକ ତାପମାତ୍ରା ରେକର୍ଡ ସ୍ତରରେ ରହିବାର ସମ୍ଭାବନା ଅଛି । ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୨୦୨୫ରୁ ୨୦୨୯ ମଧ୍ୟରେ ପ୍ରତି ବର୍ଷ ବୈଶ୍ୱିକ ହାରାହାରି ତାପମାତ୍ରା ୧୮୫୦-୧୯୦୦ ସ୍ତର ତୁଳନାରେ 1.2°C ରୁ 1.9°C ଅଧିକ ରହିବ । ଏପରିକି, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ କୌଣସି ଏକ ବର୍ଷ ତାପମାତ୍ରା ୧.୫°C ସୀମା ଅତିକ୍ରମ କରିବାର ସମ୍ଭାବନା ୮୬% ରହିଛି । ଏହି ୧.୫°C ସୀମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅପରିବର୍ତ୍ତନୀୟ ହୋଇଯିବାର ଆଶଙ୍କା ରହିଛି । ଜୁଲାଇ ୨୦୨୫ରେ 'ଆର୍ଥ ସିଷ୍ଟମ ସାଇନ୍ସ ଡାଟା'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହାର ଜାରି ରହିଲେ, ଆଗାମୀ ତିନି ବର୍ଷ ମଧ୍ୟରେ ବିଶ୍ୱ ପ୍ୟାରିସ୍ ଚୁକ୍ତିର ୧.୫°C ଲକ୍ଷ୍ୟକୁ ପାର କରିଯିବ ।

ଏହି ସବୁ ବୈଜ୍ଞାନିକ ତଥ୍ୟକୁ ଅଣଦେଖା କରି ଟ୍ରମ୍ପଙ୍କ ପରି ନେତାମାନେ ଯେଉଁ ଯୁକ୍ତି ବାଢନ୍ତି, ତାହା କେତେ ଭୟଙ୍କର, ତାହା ଭାରତ ପରି ଦେଶମାନଙ୍କ ଉପରେ ପଡୁଥିବା ପ୍ରଭାବରୁ ସ୍ପଷ୍ଟ ଜଣାପଡେ । ଭାରତ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ । ଏକ ଅଧ୍ୟୟନ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଯୋଗୁଁ ଭାରତକୁ ଆଗାମୀ ୫୦ ବର୍ଷରେ ୩୫ ଲକ୍ଷ କୋଟି ଡଲାରର ଆର୍ଥିକ କ୍ଷତି ସହିବାକୁ ପଡିପାରେ । ଭୀଷଣ ଗ୍ରୀଷ୍ମ ପ୍ରବାହ, ବନ୍ୟା, ମରୁଡି ଏବଂ ସାମୁଦ୍ରିକ ଝଡ ଭଳି ଚରମ ପାଣିପାଗ ଘଟଣାଗୁଡିକର ସଂଖ୍ୟା ଏବଂ ତୀବ୍ରତା ବଢିବାରେ ଲାଗିଛି । ୨୦୧୯ ମସିହାରେ, ଭାରତ ଚରମ ପାଣିପାଗ ଘଟଣା ଯୋଗୁଁ ସର୍ବାଧିକ ପ୍ରଭାବିତ ଦେଶମାନଙ୍କ ତାଲିକାରେ ସପ୍ତମ ସ୍ଥାନରେ ଥିଲା, ଯେଉଁଥିରେ ୨,୨୬୭ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ପ୍ରାୟ ୬,୮୧୮ କୋଟି ଆମେରିକୀୟ ଡଲାରର ଆର୍ଥିକ କ୍ଷତି ହୋଇଥିଲା । କେବଳ ୨୦୨୨ ମସିହାରେ, ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୧୫ଟି ରାଜ୍ୟରେ ସ୍ୱାସ୍ଥ୍ୟ, କୃଷି ଏବଂ ଜଳ ସମ୍ପଦ ଉପରେ ଗୁରୁତର ପ୍ରଭାବ ପଡିଥିଲା । ବନ୍ୟା ଯୋଗୁଁ ଭାରତକୁ ୨,୬୩୦ କୋଟି ଡଲାରର କ୍ଷତି ସହିବାକୁ ପଡିଛି, ଯାହା ଦେଶର ଜିଡିପିର ପ୍ରାୟ ୦.୫% ଅଟେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ଆର୍ଥିକ କ୍ଷତିରେ ସୀମିତ ନୁହେଁ । ଏହାର ସାମାଜିକ ପ୍ରଭାବ ମଧ୍ୟ ଅତ୍ୟନ୍ତ ଗମ୍ଭୀର । କୃଷି ଉପରେ ନିର୍ଭରଶୀଳ କୋଟି କୋଟି ଲୋକଙ୍କ ଜୀବିକା ଆଜି ସଙ୍କଟରେ । ତାପମାତ୍ରା ବୃଦ୍ଧି ଏବଂ ଅନିୟମିତ ବର୍ଷା ଯୋଗୁଁ ଫସଲ ଉତ୍ପାଦନ କମୁଛି, ଯାହା ଖାଦ୍ୟ ସୁରକ୍ଷା ପାଇଁ ଏକ ବଡ ବିପଦ । ଏକ ଆକଳନ ଅନୁଯାୟୀ, ୨୦୫୦ ସୁଦ୍ଧା ଭାରତରେ କୃଷି ଉତ୍ପାଦକତା ୧୫% ରୁ ୧୮% ପର୍ଯ୍ୟନ୍ତ ହ୍ରାସ ପାଇପାରେ । ଜଳ ସଙ୍କଟ ମଧ୍ୟ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ନୀତି ଆୟୋଗର ଏକ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୬୦ କୋଟି ଲୋକ ଭୀଷଣ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ୨୦୩୦ ସୁଦ୍ଧା ଗହମ ଚାଷ ହେଉଥିବା ୭୪% ଏବଂ ଧାନ ଚାଷ ହେଉଥିବା ୬୫% ଜମିରେ ପାଣିର ଅଭାବ ଦେଖାଦେବ । ଏହା ବ୍ୟତୀତ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲକ୍ଷ ଲକ୍ଷ ଲୋକ ବାସହରା ହେଉଛନ୍ତି । ୨୦୨୦-୨୧ରେ, ତିରିଶ ଲକ୍ଷରୁ ଅଧିକ ଲୋକ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ଯୋଗୁଁ ନିଜ ଘର ଛାଡିବାକୁ ବାଧ୍ୟ ହୋଇଥିଲେ ।

ଏଭଳି ସ୍ଥିତିରେ, ଯେତେବେଳେ ଟ୍ରମ୍ପଙ୍କ ପରି ନେତାମାନେ ଜଳବାୟୁ ପରିବର୍ତ୍ତନକୁ ଅସ୍ୱୀକାର କରନ୍ତି, ସେମାନେ କେବଳ ବୈଜ୍ଞାନିକ ସତ୍ୟକୁ ଅପମାନିତ କରନ୍ତି ନାହିଁ, ବରଂ କୋଟି କୋଟି ଲୋକଙ୍କ ଜୀବନ ଏବଂ ଜୀବିକାକୁ ମଧ୍ୟ ବିପଦରେ ପକାନ୍ତି । ଏହା ଏକ ପ୍ରକାରର ବୈଚାରିକ ଅପରାଧ । ଯେଉଁ ନେତାମାନଙ୍କ ହାତରେ ନୀତି ନିର୍ଦ୍ଧାରଣ କରିବାର କ୍ଷମତା ଅଛି, ସେମାନଙ୍କର ଏଭଳି ଅବୈଜ୍ଞାନିକ ଏବଂ ଦାୟିତ୍ୱହୀନ ମନ୍ତବ୍ୟ ସମଗ୍ର ବିଶ୍ୱକୁ ଏକ ଅନ୍ଧକାରମୟ ଭବିଷ୍ୟତ ଆଡକୁ ଠେଲି ଦେଇପାରେ । ସେମାନେ ଜୀବାଶ୍ମ ଇନ୍ଧନ ଲବିର ସ୍ୱାର୍ଥ ରକ୍ଷା କରିବାକୁ ଯାଇ ପୃଥିବୀର ସ୍ଥାୟିତ୍ୱକୁ ବାଜି ଲଗାଇ ଦିଅନ୍ତି । ଏହା ଦ୍ୱାରା ସବୁଜ ଶକ୍ତି ଏବଂ ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାରେ ନିବେଶ କମିଯାଏ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଆନ୍ତର୍ଜାତିକ ସହଯୋଗ ଦୁର୍ବଳ ହୋଇଯାଏ ।

ଏହା ସମୟ ଆସିଛି ଯେ ଆମେ ସମସ୍ତେ ଏଭଳି ଅପପ୍ରଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା । ବୈଜ୍ଞାନିକ ତଥ୍ୟକୁ ଭିତ୍ତି କରି ନୀତି ନିର୍ଦ୍ଧାରଣ କରିବା ପାଇଁ ସରକାରମାନଙ୍କ ଉପରେ ଚାପ ପକାଇବାକୁ ହେବ । ଜଳବାୟୁ ପରିବର୍ତ୍ତନ କୌଣସି ରାଜନୈତିକ ପ୍ରସଙ୍ଗ ନୁହେଁ, ଏହା ମାନବତାର ଅସ୍ତିତ୍ୱର ପ୍ରଶ୍ନ । ଯଦି ଟ୍ରମ୍ପଙ୍କ ପରି ଅଜ୍ଞ ଏବଂ ଦାୟିତ୍ୱହୀନ ନେତାମାନେ କ୍ଷମତାରେ ରହିବେ, ତେବେ ପୃଥିବୀର ଭବିଷ୍ୟତ ନିଶ୍ଚିତ ଭାବରେ ବିପଦରେ ପଡିବ । ଆମର ଆଗାମୀ ପିଢି ପାଇଁ ଏକ ସୁରକ୍ଷିତ ଏବଂ ସୁସ୍ଥ ପୃଥିବୀ ଛାଡିଯିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ଏଥିପାଇଁ ଜଳବାୟୁ ପରିବର୍ତ୍ତନକୁ ଅସ୍ୱୀକାର କରୁଥିବା ଶକ୍ତିମାନଙ୍କୁ ପରାସ୍ତ କରିବାକୁ ହେବ ଏବଂ ବିଜ୍ଞାନର ଆଲୋକରେ ଏକ ସ୍ଥାୟୀ ଭବିଷ୍ୟତର ମାର୍ଗ ପ୍ରଶସ୍ତ କରିବାକୁ ହେବ ।

## ଧୂମପାନ ଓ ଲିଭର୍ ସମସ୍ୟା



### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ମାତ୍ର କେଇ କ୍ଷଣିକର ଆନନ୍ଦ । ହେଲେ ତା' ପରେ... ସେହି ଧୂଆଁରେ ଧୂଆଁ ହୋଇଯାଉଛି ଲକ୍ଷ ଲକ୍ଷ ଜୀବନ । ଧ୍ୱଂସ ହେଉଛି ମାନବ ସମ୍ବଳ । ଦୋହଲିଯାଉଛି ପରବାରର ଅର୍ଥନୈତିକ ସ୍ଥିତି । ପଇସା ଦେଇ କିଣୁଛେ ରୋଗ । ଝାଳବୁହା ଧନକୁ ଅଜାଡ଼ି ଦେଉଛେ ପାନ ଦେକାନ ଆଉ ଡାକ୍ତରଖାନାରେ । ସୁନ୍ଦର ଭବିଷ୍ୟତକୁ ଠେଲିଦେଉଛେ ଅନ୍ଧାରର ଅତଳଗୁହା ଭିତରକୁ । ଏହା ଏବେ ଆଉ ନାହିଁ ଘରଣୀର ମୁଣ୍ଡବ୍ୟଥା ହୋଇ, ବ୍ୟାପିଛି ସମଗ୍ର ବିଶ୍ୱକୁ । ଯାହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଆଜିର ଦିନକୁ ବିଶ୍ୱ ତମାଖୁ ଦିବସ ନିରୋଧ ଦିବସ ରୂପେ ପାଳନ କରାଯାଉଛି । ସର୍ବସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରେ ଧୂମପାନ ନିଷେଧ ବୋଲି ସରକାର ନିୟମ କରିଥିଲେ । ୨୦୦୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଲାଗୁ ହେଲା ଧୂମପାନ ନିଷେଧ ନିୟମ । ସର୍ବସାଧାରଣ ସ୍ଥାନରେ କେହି ବି ଧୂମପାନ କରି ପାରିବେ ନାହିଁ । ସର୍ବସାଧାରଣ ସ୍ଥାନ କହିଲେ ବସ୍‌ଷ୍ଟାଣ୍ଡ, ହୋଟେଲ, ପ୍ରେକ୍ଷାଳୟ, ସପିଙ୍ଗ ମଲ୍, ରେଳ ଷ୍ଟେସନ୍, ସରକାରୀ କାର୍ଯ୍ୟାଳୟ ପରିସର ଇତ୍ୟାଦି । ଯଦି କେହି ଧୂମପାନ କରୁଥବା ଜଣାପଡ଼େ, ତେବେ ଆଇନତଃ ୨୦୦ ଟଙ୍କାର ଜରିମାନା ଦେବେ । ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୧୦୦ ମିଟର ଦୂରରେ କୌଣସି ତମ୍ବାଖୁ ଦୋକାନ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଗଲା । ନୂଆ ନୂଆ କିଛି ଦିନ କଡ଼ାକଡ଼ି ଭାବେ ଏହି ନିୟମ ପାଳନ ହେଲା । ରାଜଧାନୀ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ତମାଖୁ ଦୋକାନ ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ ମଧ୍ୟ କରାଗଲା । ତମାଖୁ ସେବନ କରିବା କେତେ ଯେ ଭୟଙ୍କର ତାହା ତମାଖୁ ସେବନ କରି ମୃତ୍ୟୁ ବରଣ କରୁଥିବା ପରିସଂଖ୍ୟାନରୁ ଜଣାପଡ଼େ । ସମଗ୍ର ବିଶ୍ୱରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ରୋଗାକ୍ରାନ୍ତ ହେଉଥିବା ବେଳେ ଦିନକୁ ୨,୨୨୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଏବେ ଠାରୁ ଯଦି ତମାଖୁ ସେବନ ଉପରେ ବିଶ୍ୱରେ ଏହାର ସଂଖ୍ୟା ଯଥେଷ୍ଟ ବଢ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି ।

ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି । ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ ହୋଇଥାଏ । ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ । ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ । ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ । ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ । ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ । ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦନ୍ତ୍ର କ୍ୟାନସର ଓ ପିତ୍ତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ । ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ୍ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି । ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ । ରକ୍ତରେ କୋଲେଷ୍ଟିରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ । ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ । ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ ।

ଇତିହାସ କହେ, ଖ୍ରୀ.ପୂ. ୬୦୦୦ ବର୍ଷ ତଳେ ଆମେରିକାରେ ତମାଖୁ ଚାଷ କରାଯାଉଥିଲା । ୧୪୯୨ ମସିହାରେ କଲମ୍ବସ୍ ଏହି ତମାଖୁକୁ ଇଉରୋପ ନେଇଥିଲେ । ତା' ପରେ ମାତ୍ର ଦେଢ଼ଶହ ବର୍ଷ ଭିତରେ ଏହା ବିଶ୍ୱସାରା ଚରିଯାଇଥିଲା । କେବଳ ଏହାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀରେ ଏହାକୁ ନାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଉନବିଂଶ ଶତାବ୍ଦୀରେ ସିଗାରର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଲା । ବିଂଶ ଶତାବ୍ଦୀ ବେଳକୁ ଏହା ସିଗାରେଟ୍‌ର ରୂପ ନେଇଥିଲା । ଏକବିଂଶ ଶତାବ୍ଦୀ ବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ଲୋକ ଏହାକୁ ସେବନ କରୁଛନ୍ତି । ବର୍ତ୍ତମାନ ଏହାର ବିଭିନ୍ନ ରୂପଗୁଡ଼ିକ ହେଉଛି; ବିଡ଼ି, ସିଗାର, ସିଗାରେଟ, କ୍ରେଟେକ୍ସ, ପାଇପ, ଷ୍ଟିକ୍, ଗୁଟ୍‌ଖା ଇତ୍ୟାଦି । ତମାଖୁର ବ୍ୟାପକ ବ୍ୟବହାର ଯୋଗୁଁ ପ୍ରତିକ୍ଷଣରେ ବଢ଼ିଚାଲିଛି ଅସୁରକ୍ଷିତ ଜୀବନର ପାରଦ । ସମ୍ପ୍ରତି ବିଶ୍ୱରେ ୫୦ କୋଟି ଲୋକ ତମାଖୁ ଯୋଗୁଁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ବିଶ୍ୱର ୧/୩ ଅଂଶ ଲୋକ ତମାଖୁ ବ୍ୟବହାର କରୁଥିବାରୁ ପ୍ରତିଦିନ ୧୫୦ କୋଟି ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି । ଏହା ସିନା ଆମ ପରିବାର ପ୍ରତି ବିପଦ ଡାକିଆଣୁଛି । ହେଲେ ତମାଖୁ କମ୍ପାନୀମାନଙ୍କର ତ କଚେପୁଅ ବାର । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ପୃଥିବୀର ପାଞ୍ଚଟି ବୃହତ୍ତମ କମ୍ପାନୀ, ଫିଲିପ୍ସ, ମୋରିସ୍, ବାଟ୍, ଆଲତାରଡ଼ିସ୍, ରିମସ୍ତା ଓ ଜେଟିଆଇ କମ୍ପାନୀଗୁଡ଼ିକ ବାର୍ଷିକ ୧ ଲକ୍ଷ କୋଟି ଡଲାରର ତମାଖୁ ବ୍ୟବସାୟ କରିଥାନ୍ତି ।

ତମାଖୁରେ ଥିବା ଉପାଦାନଗୁଡ଼ିକୁ ଆମେ ରଙ୍ଗ, ସର୍ପ, ବିଷ, କାର ବ୍ୟାଟେରୀ, କୀଟନାଶକ, ପ୍ଲାଷ୍ଟିକ୍‌ରେ ମଧ୍ୟ ଦେଖିବାକୁ ପାଇବା । ଗୋଟିଏ ସିଗାରେଟ୍ ଟାଣିଲେ ଆମ ଜୀବନର ୭ ମିନିଟ୍ ଆୟୁଷ କମିଥାଏ । ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଡ଼ସ, ନିଷିଦ୍ଧ ନିଶାଦ୍ରବ୍ୟ, ରାସ୍ତା ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଯେତିକି ଲୋକ ମରୁଛନ୍ତି ତାହାଠାରୁ ଅଧିକ ମୃତ୍ୟୁବରଣ କରୁଛନ୍ତି ତମାଖୁ ସେବନ ଯୋଗୁଁ । ଏହି ତମାଖୁ ଶରୀର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର ଓ ପରବର୍ତ୍ତୀ ସମୟରେ ତମାମ ଶରୀର ଆକ୍ରାନ୍ତ ହେବାସହ ଅନେକ ରୋଗର କାରକ ପାଲଟିଥାଏ । ପରିଶେଷରେ ଭୟାବହ କ୍ୟାନସରକୁ ନିମନ୍ତ୍ରଣ କରିବା ଯାହା ସାର ହୋଇଥାଏ । ତେବେ ଖାଲି ଯେ ମଣିଷ ମରୁଛନ୍ତି ତାହା ନୁହେଁ ଏହା ଆମର ଅର୍ଥନୀତି ପ୍ରତି ଉପରେ ମଧ୍ୟ ପ୍ରଭାବ ପକାଉଛି । ତମାଖୁ ସେବନକାରୀମାନେ ସେମାନଙ୍କ ଜୀବନର ୩୦ ପ୍ରତିଶତ ଆୟ ତମାଖୁ ବାବଦକୁ ଖର୍ଚ୍ଚ କରିଥାନ୍ତି । ଏତଦ୍‌ବ୍ୟତୀତ ପ୍ରତିବର୍ଷ ଅଧାଜଳା ସିଗାରେଟ୍ ବା ଦିଆସିଲି ଯୋଗୁଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅଗ୍ନିକାଣ୍ଡ ହୋଇଥାଏ । ଯାହା ଫଳରେ ବ୍ୟାପକ ଜଙ୍ଗଲ ଓ ଧନଜୀବନ ହାନି ହୋଇଥାଏ । ତମାଖୁ ପକେଟ୍ କଣା କରିବାରେ ଓସ୍ତାଦ । ଏହି ତମାଖୁ ବା ଧୂମ୍ରପାନ ଅନେକ ପରିବାରକୁ ଉଜାଡ଼ି ଦେଇଥାଏ । ଅନେକ ପରିବାର ତିଆରି ହେବା ପୂର୍ବରୁ ହିଁ ଧ୍ୱଂସ ହୋଇଯାଇଥାଏ । ଯେଉଁଥିପାଇଁ କୁହାଯାଇଛି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣା ପଡ଼େ ନାହିଁ ଟାଣେ ପଇସା । ଆସନ୍ତୁ, ଏକ ତମାଖୁମୁକ୍ତ ବିଶ୍ୱର ପରିକଳ୍ପନାକୁ ସାକାର କରିବା ।


ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭


## 'ଏ ଯେ ମନୁଷ୍ୟ କଳେବର, ଅଶେଷ ଦେହ ମଧ୍ୟେ ସାର'

### ଡକ୍ଟର ସୁରେଶ କୁମାର ନାୟକ



ବୈରାଗ୍ୟ, ବିଶ୍ୱାସ ଓ ପ୍ରେମ - ଏହି ସ୍ତମ୍ଭଗୁଡ଼ିକ ଉପରେ ଶାନ୍ତି ଆଧାରିତ । ଏଗୁଡ଼ିକ ମଧ୍ୟରୁ ବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ । କାରଣ ଏହାବିନା ସାଧନା ଶୂନ୍ୟ ବାହ୍ୟାଚାର ଅଟେ । ବୈରାଗ୍ୟ ହିଁ ସାଧନାକୁ ଫଳପ୍ରଦ କରି ପାରିବ ଏବଂ ପ୍ରେମ ଶୀଘ୍ର ଓ ଗୁରୁଦେବଙ୍କ ଆଡ଼କୁ ଘେନିଯିବ । ବିଶ୍ୱାସ ଗୁରୁଦେବଙ୍କ ବିଚ୍ଛେଦର ଦୁଃଖକୁ ଇନ୍ଧନ ଯୋଗାଏ, ବୈରାଗ୍ୟ ଏହାକୁ ଭଗବତ୍ୱ ମାର୍ଗରେ ପରିଚାଳିତ କରେ, ପ୍ରେମ ରାସ୍ତାକୁ ଆଲୋକିତ କରେ । ଆମର ଯାହା ଦରକାର ଓ ଆମେ ଯେଉଁଥିପାଇଁ ଯୋଗ୍ୟ ଗୁରୁଦେବ ତାହା ଆମକୁ ଦେବେ । ମାଗିବା ଦରକାର ନାହିଁ କି ଗୁଁ ଗୁଁ ହେବାର କାରଣ ନାହିଁ । ଯାହାକିଛି ଘଟୁଛି, ଯେତେବେଳେ ଘଟୁଛି ସେଥିରେ ସନ୍ତୁଷ୍ଟ ହେବା ଓ କୃତଜ୍ଞ ରହିବା । ତାଙ୍କ ଇଚ୍ଛାବିନା କିଛି ଘଟିପାରିବ ନାହିଁ ।

ଏ ଜଗତ୍ ହେଉଛି ସ୍ୱୟଂ ଗୁରୁଦେବଙ୍କର ପରିପ୍ରକାଶ । ସେହି ଗୁରୁଦେବଙ୍କର ଆନନ୍ଦ ହିଁ ଯାବତୀୟ ରୂପ ପରିଗ୍ରହଣ କରିଛି । ସମସ୍ତ ଜୀବନ ସମାନ । କ୍ଷୁଦ୍ରାଦପିକ୍ଷୁଦ୍ର ପ୍ରାଣୀ ଅନ୍ତରରେ ମଧ୍ୟ ସେହି ଏକ ବିଶ୍ୱଜୀବନ ସ୍ପନ୍ଦିତ ହେଉଛି । ଗୁରୁଦେବ ହିଁ ସମସ୍ତ ଜୀବଙ୍କ ଠାରେ ବିଦ୍ୟମାନ । ମାଳାର ସବୁ ଫୁଲ ମଧ୍ୟରେ ଯେପରି ଗୋଟିଏ ହିଁ ସୂତା ଗୁନ୍ଥି ହୋଇଥାଏ, ସକଳ ଜୀବଙ୍କ ମଧ୍ୟରେ ସେହିପରି ଏକ ଆତ୍ମା ହିଁ ବିଦ୍ୟମାନ ହୋଇଛନ୍ତି । ସକଳ ଜୀବଙ୍କ ଠାରେ ସେହି ଏକ ଗୁରୁଦେବଙ୍କୁ ଦର୍ଶନ କରିବା । ସବୁରି ସେବା କରିବା ଓ ସମସ୍ତଙ୍କୁ ପ୍ରେମ କରିବା । ସମସ୍ତଙ୍କ ପ୍ରତି ସଦୟ ହୋଇ ବିଭେଦର, ଦ୍ୱୈତର ଧାରଣ ପରିହାର କରିବା । ଜଗତ ଭଲ ନୁହେଁ କି ମନ୍ଦ ନୁହେଁ । କି ଭଲ, କି ମନ୍ଦ - ସବୁ ମନସୃଷ୍ଟ । ମନର ପ୍ରକ୍ରିୟା ହିଁ ଏସବୁ ସୃଷ୍ଟି କରିଛି । ଯେ ସତ୍ ସେ ଭଲ, ତା'ପାଇଁ ସମସ୍ତ ଜଗତ ସଂପୂର୍ଣ୍ଣ ଭଲ, ସଂପୂର୍ଣ୍ଣ ମଙ୍ଗଳମୟ । ନିଜେ ଭଲ ତ ଦୁନିଆଁ ଭଲ । କିନ୍ତୁ ଯେ ଅସତ୍, ଯେ ମନ୍ଦ, ତା'ପାଇଁ ଜଗତଟାଯାକ ମନ୍ଦ; ତା'ପାଇଁ ଜଗତ ଅମଙ୍ଗଳରେ ପୂର୍ଣ୍ଣ । ଯାହା ଅମଙ୍ଗଳ ବୋଲି କୁହାଯାଉଛି, ତାହା ଜଗତରେ ନାହିଁ । ଅଛି ମନ ଭିତରେ । ଆମ୍ଭେମାନେ କେବଳ ତାର ନିଜ ମନର ପ୍ରତିକୃତି ହିଁ ଦେଖେ । ଆମ୍ଭେମାନେ ଯଦି ନିଜେ ସତ, ନିଜେ ସଚ୍ଚୋଟ ଓ ସିଦ୍ଧ ହୋଇଛନ୍ତି ତେବେ ଜଗତ ଆପଣଙ୍କୁ ସତ ରୂପରେ ହିଁ ଦେଖାଯିବ ।

ସର୍ବଦା ସକଳ ବସ୍ତୁରେ କେବଳ ଗୁରୁଦେବଙ୍କୁ ଦର୍ଶନ କରନ୍ତୁ । ଆମ୍ଭମାନଙ୍କୁ କୌଣସି ବିଷୟ ମନ୍ଦ ବୋଲି ଦେଖାଯିବ ନାହିଁ । ଆମ୍ଭେମାନେ ସର୍ବତ୍ର ଭଲ ହିଁ ଦେଖିବାକୁ ପାଇବା ଯାହା ଫଳରେ ଆମ୍ଭେମାନେ ଶାନ୍ତି ଲାଭ କରିବା ।

ଗୁରୁଦେବ ତାଙ୍କ ମାର୍ଗଦର୍ଶନରେ କହିଛନ୍ତି 'ଯେ ମୋର ପ୍ରିୟ ହେବା ପାଇଁ ଚାହୁଁଥିବା ବ୍ୟକ୍ତି ଆନନ୍ଦ, କ୍ରୋଧ ଓ ଭୟର ବଶବର୍ତ୍ତୀ ହେବନାହିଁ ।' ଆମ୍ଭମାନଙ୍କର ମନ ସମୁଦ୍ର ପରି ଉତ୍ତାଳ । ସାମାନ୍ୟ ମୃଦୁ ପବନ ଯେପରି ସମୁଦ୍ରରେ ତରଙ୍ଗ ସୃଷ୍ଟି କରିଥାଏ, ସେହିପରି ଆନନ୍ଦ, କ୍ରୋଧ ଏବଂ ଭୟ ସବୁ ଆମ୍ଭମାନଙ୍କୁ ଗ୍ରାସ କରିଥାଏ । ତେଣୁ ଏସବୁ ଦ୍ୱାରା ଜଣେ ବ୍ୟକ୍ତି ସହଜରେ ପ୍ରଭାବିତ ହୋଇଯିବା ସ୍ୱାଭାବିକ । କିନ୍ତୁ ସମଭାବ ଓ ସ୍ଥିରବୁଦ୍ଧିସମ୍ପନ୍ନ ବ୍ୟକ୍ତି ଏସବୁ ଆବେଗପ୍ରବଣତାରେ ଭାସିଯାଏ ନାହିଁ, ଏଣୁ ସେହିମାନେ ହିଁ ଗୁରୁଦେବଙ୍କର ପ୍ରିୟ । ତେବେ ଦେଖାଯାଇଛି ଯେ ସମସ୍ତେ ଯଦିଓ ଗୁରୁଦେବଙ୍କର ପ୍ରିୟ ହୋଇଯିବା ପାଇଁ ଚାହାନ୍ତି, ଏହି ପଥ କିନ୍ତୁ ବଡ଼ ବନ୍ଧୁର ଓ ପ୍ରତିବନ୍ଧକ ପରିପୂର୍ଣ୍ଣ । ଏହାଯେ କେବଳ ଖାଲ ଓ ଖାଇରେ ପରିପୂର୍ଣ୍ଣ ତାହାନୁହେଁ, ବିପଦସଂକୁଳ ମଧ୍ୟ । ତେଣୁ ଇନ୍ଦ୍ରିୟ ଉପରେ ପୂର୍ଣ୍ଣ ସଂଯମ ରକ୍ଷା କରିପାରୁଥିବା ଜଣେ ବ୍ୟକ୍ତି ହିଁ ଏହି ପଥରେ ଯାତ୍ରା କରିପାରିବାକୁ ଯୋଗ୍ୟ ହୋଇପାରିବ । ସୁତରାଂ ଏହି ପଥ ଅନୁସରଣ କରିବା ପୂର୍ବରୁ ଯୋଗ କରିବା ଆବଶ୍ୟକ ବୋଲି ମନେ ହୁଏ । କାରଣ ଏହାଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ନିଜ ଉପରେ ନିୟନ୍ତ୍ରଣ ଆଣିବା ସହାୟକ ହୁଏ । ଅର୍ଜୁନଙ୍କ ମନରୁ ସନ୍ଦେହ ଓ ଭୟ ଦୂର କରିବା ଭଗବାନ ଶ୍ରୀକୃଷ୍ଣଙ୍କର ମୂଳ ଉଦ୍ଦେଶ୍ୟ ଥିଲା । ଏଣୁ ସେ ବିଭିନ୍ନ ମାଧ୍ୟମରେ ଅର୍ଜୁନଙ୍କୁ ଉପଦେଶ ଦେଇଥିଲେ । ଦ୍ୱିତୀୟ ଅଧ୍ୟାୟରେ ସାଂଖ୍ୟଯୋଗ ବିଷୟରେ ବର୍ଣ୍ଣନା କରିବା ସମୟରେ ସେ ସ୍ଥିତପ୍ରଜ୍ଞ ବିଷୟରେ କହିଛନ୍ତି । ସ୍ଥିରବୁଦ୍ଧି ସମ୍ପନ୍ନ ଜଣେ ବ୍ୟକ୍ତିଙ୍କୁ ସ୍ଥିତପ୍ରଜ୍ଞ ରୂପେ ବର୍ଣ୍ଣନା କରାଯାଇଛି । ଏହିଭଳି ବ୍ୟକ୍ତିର ଆନନ୍ଦ କିମ୍ବା ସନ୍ତୋଷ ପାଇଁ କାମନା ନଥାଏ । ନିଜର ଇନ୍ଦ୍ରିୟ ଉପରେ ତା'ର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଥାଏ । ତୃତୀୟ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମଯୋଗ ବିଷୟରେ ବୁଝାଇଛନ୍ତି । ସଂସାରରେ କର୍ମ କରିବାର ଉପଯୁକ୍ତ ପଦ୍ଧତି ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ପୃଥିବୀରେ କେହି ବି କ୍ଷଣଟିଏ ମଧ୍ୟ କର୍ମ ନକରି ରହିପାରିବେ ନାହିଁ । ପୁଣି କହିଛନ୍ତି ଯେ ନିଜର ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ସଂଯତ କରି, ଆସକ୍ତି ରହିତ ହୋଇ ନିଷ୍କାମ ଭାବରେ ସମସ୍ତ କର୍ମ କରୁଥିବା ବ୍ୟକ୍ତି କର୍ମଯୋଗୀ ଅଟେ । ଅର୍ଥାତ୍ ଏଠାରେ କର୍ମଯୋଗକୁ ବୁଝାଇବା ଛଳରେ ଇନ୍ଦ୍ରିୟାଦି ଉପରେ ନିୟନ୍ତ୍ରଣ ପ୍ରତି ଗୁରୁତ୍ୱ ଆରୋପ କରାଯାଇଛି । ଚତୁର୍ଥ ଅଧ୍ୟାୟରେ ଭଗବାନ କର୍ମବ୍ରହ୍ମାର୍ପଣ ଯୋଗ ବିଷୟରେ ବୁଝାଇଛନ୍ତି । ଏହି ଅଧ୍ୟାୟରେ ସେ କହିଛନ୍ତି ଯେ ଯେଉଁମାନେ ଆସକ୍ତି, ଭୟ ଓ କ୍ରୋଧକୁ ପରିତ୍ୟାଗ କରି ତାଙ୍କ ନିକଟରେ ଶରଣ ନେଇଛନ୍ତି, ସେମାନେ ତାଙ୍କ ସହ ଏକ ହୋଇଯିବେ । ପୁଣି ଏହି ଅଧ୍ୟାୟରେ ଜଣେ ଜ୍ଞାନୀ ବ୍ୟକ୍ତିର ଆଚରଣ ବିଷୟରେ କହିବାକୁ ଯାଇ ଭଗବାନ କହିଛନ୍ତି ଯେ ଫଳ ଆଶା ନରଖି ସେ ତାର ସମସ୍ତ କର୍ମ କରିଥାଏ । ସୁତରାଂ ତାର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିରେ ଭସ୍ମ ହୋଇଯାଇଥାଏ । ଗୀତାର ପଞ୍ଚମ ଅଧ୍ୟାୟଟି କର୍ମ ସନ୍ନ୍ୟାସ ଯୋଗ ପ୍ରତି ସମର୍ପିତ ହୋଇଛି । ଏହାର ପ୍ରାରମ୍ଭରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଉଭୟ କର୍ମସନ୍ନ୍ୟାସ ଏବଂ କର୍ମଯୋଗ ମୋକ୍ଷ ପଥକୁ ବାଟ କଢ଼ାଇ ନିଏ । କିନ୍ତୁ ଏ ଦୁଇଟି ମଧ୍ୟରୁ କର୍ମଯୋଗ ଶ୍ରେଷ୍ଠ ବୋଲି ଭଗବାନ କହିଛନ୍ତି । ପଞ୍ଚମ ଅଧ୍ୟାୟରେ ଭଗବାନ ଜଣେ ପଣ୍ଡିତ ବ୍ୟକ୍ତିର ନିମ୍ନପ୍ରକାର ବର୍ଣ୍ଣନା କରିଛନ୍ତି । ସେ ସ୍ଥିରବୁଦ୍ଧି ସମ୍ପନ୍ନ ହୋଇଥିବେ, ବ୍ରାହ୍ମଣଠାରୁ ଗୋରୁ, ହସ୍ତୀ, କୁକୁର ଏବଂ ଚଣ୍ଡାଳ ପ୍ରତି ମଧ୍ୟ ସମାନ ଭାବ ଓ ଦୃଷ୍ଟି ରଖୁଥିବେ । ତେଣୁ ଏଠାରେ ଆମେ ଦେଖୁ ଯେ ସ୍ଥିର ବୁଦ୍ଧି ଏବଂ ନିରପେକ୍ଷ ଦୃଷ୍ଟି ଉପରେ ଭଗବାନ ଶ୍ରୀକୃଷ୍ଣ ଗୀତାରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି । ଷଷ୍ଠ ଅଧ୍ୟାୟରେ ଅଭ୍ୟାସ ଯୋଗ ବର୍ଣ୍ଣନା କରିବା ସମୟରେ ଭଗବାନ କହିଛନ୍ତି ଯେ ଜଣେ ବ୍ୟକ୍ତି ତାର ସମସ୍ତ ଆସକ୍ତି ଦୂର ନକରିବା ପର୍ଯ୍ୟନ୍ତ ପ୍ରକୃତ ଅର୍ଥରେ କର୍ମଯୋଗୀ ହୋଇପାରିବ ନାହିଁ । ସେ ପୁଣି କହିଛନ୍ତି ଯେ ଯେତେବେଳେ ଜଣେ ଯୋଗୀର ନିଜ ମନ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଆସିଯିବ ସେତେବେଳେ ଉଭୟ ଶୀତ-ଉଷ୍ମ, ସୁଖ-ଦୁଃଖ ତଥା ମାନ-ଅପମାନରେ ତାର ନିରପେକ୍ଷ ବିଚାର ଓ ଦୃଷ୍ଟିଭଙ୍ଗୀ ରହିବ ।

ଗୋଟିଏ ପରିବାରର ଲୋକ ଭଳି ଜୀବନ ନିର୍ବାହ କରିବାକୁ ଶିକ୍ଷା କରନ୍ତୁ । 'ମଣିଷ ଆମେରେ ଗୋଟିଏ ଜାତି' ଏହି ଆଦର୍ଶ ପ୍ରତିଷ୍ଠା ପାଇଁ କର୍ମତତ୍ପର ହେବା । ଗୋଟିଏ ଜଗତ ଭିତରେ ରହି ଶାନ୍ତିରେ କାଳଯାପନ କରିବା । ସମସ୍ତେ ଗୁରୁଦେବଙ୍କର ସନ୍ତାନ । ସମସ୍ତ ଜଗତ ଏକ ଗୁରୁଦେବଙ୍କ ପରିବାର । ଏହି ସତ୍ୟ ଉପଲବ୍ଧି କରିବା ଓ ଏହି ସତ୍ୟକୁ ଅନୁଭବ କରିବା । ଆନନ୍ଦ ଆମ୍ଭମାନଙ୍କର ହୋଇଯିବ । ଦେହତତ୍ତ୍ୱ ଓ କ୍ଷଣ ଭଙ୍ଗୁର ଜୀବନ ଆଗେଇ ଚାଲିଥିବାବେଳେ ଗୁରୁଦେବଙ୍କ କୃପା ସମସ୍ତଙ୍କୁ ପ୍ରାପ୍ତ ହେଉ ଏହି ପ୍ରାର୍ଥନା କଲାବେଳେ ଶ୍ରୀମଦ ଭାଗବତର ସେହି ସ୍ମରଣୀୟ ଧାଡ଼ିଗୁଡ଼ିକ ମନେପଡୁଛି - 'ଦୁର୍ଲ୍ଲଭ ମନୁଷ୍ୟ ଶରୀର, ନରକ ନିସ୍ତାରଣ ଦ୍ୱାର । ସର୍ବ ଶରୀର ମଧ୍ୟେ ସାର, ଦୁର୍ଲ୍ଲଭ ନର-କଳେବର । ଏ ଯେ ମନୁଷ୍ୟ କଳେବର, ଅଶେଷ ଦେହ ମଧ୍ୟେ ସାର ।'


ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ
ମୋ: ୯୪୩୭୨୨୫୫୯୨





## ଝୁରେ ମୁଁ ତୁମରି ପାଇଁ

### ରମେଶ ଚନ୍ଦ୍ର ନାୟକ



ଟିକି ଟିକି ତୁନା ତାରକା ମେଳରେ
ତୁମେ ଲୁଚିଗଲ ଯାଇ,
ଜହ୍ନ ରାଇଜରେ କୋଠା ତୋଳିବ କି
ନିଜ ଆଶା ପୂର୍ଣ୍ଣ ପାଇଁ ।
ମରତ ପୁରରେ ଘର କରିବାକୁ
ବଳିଲାନି ତୁମ ମନ,
ସରଗ ପୁରରେ ଦେବା ଦେବୀ ସାଥେ
ରହିବାକୁ କାନ୍ଦେ ପ୍ରାଣ ।
ସେଥିପାଇଁ ବୋଧେ ସଂସାର ଛାଡିକି
ସରଗ ପୁରକୁ ଗଲ,
ଗଲାବେଳେ ତୁମେ ସାଥିରେ ବୋହିକି
କେତେ ଧନରତ୍ନ ନେଲ ।
ମୁଖେ କହୁଥିଲ କେତେ ମିଠା କଥା
ହୃଦୟେ ଥିଲା କି ବିଷ,
ପର ପାଇଁ ବୋଧେ ଗାତ ଖୋଳିଥିଲ
ସେ ଗାତରେ ହେଲ ଧ୍ୱଂସ ।
ସରଗ ରାଇଜୁ ଓହ୍ଲାଇ ଆସ ହେ
ପଚାରିବି ମୁହିଁ ଥରେ,
କାହିଁ ପାଇଁ ତୁମେ ମୋତେ ଛାଡିଗଲ
ବିଚାରିଲ ନାହିଁ ବାରେ ।
ତୁମ ମନେ ଯଦି ଥିଲା ଏତେ କଥା
କିଆଁ ମୋତେ ବିଭା ହେଲ,
ସରଳ ନିଷ୍ପାପ ଜୀବନକୁ ମୋର
ଏତେ ଦହଗଞ୍ଜ କଲ ।
ନଦୀ ଝୁରି ମରେ ସାଗର ବିହୁନେ
ଜହ୍ନକୁ ଝୁରଇ କଇଁ,
ଭ୍ରମର ଝୁରଇ ଫୁଲେ ବସିବାକୁ
ଝୁରେ ମୁଁ ତୁମରି ପାଇଁ ।


+ କେଶରପୁର,
ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦


## ମଟନ ନହେଲେ ବର ଫେରିଯାଏ

### ଦିଲ୍ଲୀପ କୁମାର ସାହୁ

ହିନ୍ଦୁ ବୋଲି ଆମେ ଗରବ କରୁଛେ
ପ୍ରିୟ ସନାତନୀ ଭାଇ
ବିରିୟାନୀ ଆଉ ମଟନ ଖାଇବା
ଛାଡି ପାରିବକି କେହି ?

ମଟନ ନହେଲେ ବର ଫେରିଯାଏ
ଝିଅ ବାପା ଢାଳେ ଲୁହ
ଜନ୍ମଦିନ ଆଉ ବ୍ରତଘର ରେ ବି
ଉଛୁଳେ ମଟନ ଶୁଅ ।

ଗାଁଆ ଠୁ ହହର ହାଟ ବଜାର ରେ
ବିରିୟାନୀ ବିକ୍ରି ବଢେ
ଲାଗୁଛି ଯେମିତି ଜାତୀୟ ଖାଦ୍ୟ ସେ
ଭାରତକୁ ଆମ ଯୋଡେ ।

ପର୍ବ ପର୍ବାଣୀରେ ମଟନ ବଜାରେ
ଏମିତି ଜମଇ ଭିଡ
ଲାଗଇ ଯେମିତି ଶାଗୁଣା ବିଲୁଆ
ଘେରି ବସିଛନ୍ତି ମଢ ।

ପରମ୍ପରା ଆମ ତୁଳିକି ଗଲାଣି
ମିଛରେ କରୁଛୁ ପାଟି
ବଡଦିନ ଆଉ ନୂଆ ବରଷରେ
ଦୁଲୁକେଇ ଦଉ ମାଟି ।


+ଶଙ୍କରପୁର, ଚାରବବାଟିଆ,
ଚୌଦ୍ୱାର, କଟକ

# ପଦାରେ ପଡ଼ିଲା ଭୋଜପୁରୀ ସୁପରଷ୍ଟାରଙ୍କ ପାରିବାରିକ କଳି, ସ୍ତ୍ରୀଙ୍କ ନାଁରେ ଆଣିଲେ ବଡ଼ ଅଭିଯୋଗ



ପବନ ସିଂହଙ୍କ ବିଜେପିକୁ ଫେରିବା ବିହାର ରାଜନୀତିକୁ କାହିଁକି ଉଷ୍ମ କରିଛି ? ମହାଗଠବନ୍ଧନ ପରେ, କେଉଁ ଦଳ ପବନଙ୍କ ସ୍ତ୍ରୀ ଜ୍ୟୋତି ସିଂହଙ୍କୁ ବିହାର ନିର୍ବାଚନରେ ଏକ ବନ୍ଧନ ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରୁଛି ? ନିର୍ବାଚନ ଋତୁରେ ଷ୍ଟାର କଳି ଏବେ ବିହାର ରାଜନିତୀକୁ ବଳି ଯାଇଛି । ବିହାର ଏବେ ଚର୍ଚ୍ଚାରେ । ପ୍ରଥମଟି ହେଉଛି ନିର୍ବାଚନ ପାଇଁ ଦ୍ୱିତୀୟ କାରଣଟି ହେଉଛି ଷ୍ଟାରରୁ ନେତା ବନିଥିବା ପବନ ସିଂହଙ୍କ ପାରିବାରିକ କଳି ପାଇଁ । ଭାରତୀୟ ଜାନତା ପାର୍ଟିର ନେତା ଏବଂ ଭୋଜପୁରୀ ସିନେମାର ପ୍ରସିଦ୍ଧ ଅଭିନେତା-ଗାୟକ ପବନ ସିଂହ ନିଜ ପତ୍ନୀ ଜ୍ୟୋତି ସିଂହ ଉପରେ ପାଞ୍ଚଟି ଗମ୍ଭୀର ଅଭିଯୋଗ ଲଗାଇଛନ୍ତି । ଏହା ବିହାର ନିର୍ବାଚନର ପୂର୍ବରୁ ଏକ ବଡ଼ ବିବାଦରେ ପରିଣତ ହୋଇଛି । ସାମ୍ବାଦିକ ସମ୍ମିଳନୀରେ ପବନ କହିଛନ୍ତି , ଜ୍ୟୋତି ତାଙ୍କୁ ଇଲେକ୍ସନ ଲଢ଼ିବାକୁ ବାଧା ଦେଉଛନ୍ତି ଏବଂ ଅସମ୍ଭବ ଦାବି କରୁଛନ୍ତି । ଯାହା ପବନଙ୍କ ରାଜନୈତିକ କ୍ୟାରିଅରକୁ ପ୍ରଭାବିତ କରୁଛି ।

ପବନ କହିଛନ୍ତି, ଜ୍ୟୋତି ତାଙ୍କ ଲକ୍ଷୌ ଫ୍ଲାଟରେ ଜୋର ଜବରଦସ୍ତ ପ୍ରବେଶ କରି ହଙ୍ଗାମା କରିଛନ୍ତି । ଶେଷରେ, ପବନ ଦାବି କରିଛନ୍ତି , ଏହା ସବୁ ରାଜନୀତିରେ ତାଙ୍କୁ କ୍ଷତି ପହଞ୍ଚାଇବାର ଷଡ଼ଯନ୍ତ୍ର । ପବନ କହିଛନ୍ତି, ଜନତା ମୋର ପାଇଁ ଭଗବାନ, କିନ୍ତୁ ଏଭଳି ଅନ୍ୟାୟ ସହ୍ୟ କରିପାରିବି ନାହିଁ । ଏହି ବିବାଦ ବିହାର ନିର୍ବାଚନରେ ପବନଙ୍କର ରାଜନୈତିକ ଭବିଷ୍ୟତକୁ ପ୍ରଭାବିତ କରିପାରେ ।



# ଧନଶ୍ରୀ କହିଥିଲେ ଧୋକା ଦେଉଥିଲେ ଚହଲ ... ଏବେ ସାକ୍ଷାତକାରରେ ଏମିତି କହିଦେଲେ କ୍ରିକେଟର୍

୨୦୨୦ ଡିସେମ୍ବର ୨୨ ରେ ବିବାହ କରିଥିଲେ ଭାରତୀୟ କ୍ରିକେଟର ୟୁଜବେନ୍ଦ୍ର ଚହଲ ଏବଂ କୋରିଓଗ୍ରାଫର୍ ଧନଶ୍ରୀ ବର୍ମା । କିନ୍ତୁ ଦୁହିଁଙ୍କ ସମ୍ପର୍କ ଅଧିକ ସମୟ ଧରି ତିଷ୍ଠି ପାରିନଥିଲା ଏବଂ ୨୦ ମାର୍ଚ୍ଚ ୨୦୨୫ ରେ ଦୁହେଁ ଅଲଗା ହୋଇଯାଇଥିଲେ । ତେବେ ବର୍ତ୍ତମାନ ଧନଶ୍ରୀ ଏକ ରିଆଲିଟି ଶୋ'ରେ ଭାଗ ନେଇଛନ୍ତି ଯେଉଁଥିରେ ଚହଲ ତାଙ୍କୁ ପ୍ରତାରଣା କରିଥିବା କଥା ମଧ୍ୟ ସେ କହିଛନ୍ତି । ଧନଶ୍ରୀଙ୍କ ଏହି ଅଭିଯୋଗର ଜବାବ ବର୍ତ୍ତମାନ ଦେଇଛନ୍ତି କ୍ରିକେଟର ୟୁଜବେନ୍ଦ୍ର ଚହଲ । ସେ ଧନଶ୍ରୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଜାତୀୟ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଚହଲ କହିଛନ୍ତି, ' ମୁଁ ଜଣେ ଖେଳାଳି ଏବଂ ମୁଁ ଠକିବା ଶିଖି ନାହିଁ କି କାହାକୁ ଠକି ନାହିଁ । ଯଦି କେହି ଦୁଇ ମାସ ମଧ୍ୟରେ ଠକିଦିଏ, ତେବେ ସମ୍ପର୍କ କେତେ ଦିନ ରହିବ ? ମୋ ପାଇଁ ଧନଶ୍ରୀଙ୍କ ଅଧ୍ୟାୟ ଶେଷ ହୋଇଯାଇଛି । ମୁଁ ମୋ ଜୀବନ ସହିତ ଆଗକୁ ବଢ଼ିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଭଳି କରିବା ଉଚିତ ।'

ଚହଲ ଆହୁରି କହିଛନ୍ତି, ' ଆମର ବିବାହ ସାଢ଼େ ୪ ବର୍ଷ ଚାଲିଲା । ଯଦି ମତେ ଦୁଇ ମାସ ମଧ୍ୟରେ ଠକାମିର ଶିକାର କରାଯାଏ ତେବେ କିଏ ଆଗକୁ ବଢ଼ିବ ? ମୁଁ ପୂର୍ବରୁ କହିସାରିଛି ଯେ ମୁଁ ଅତୀତରୁ ଆଗକୁ ବଢ଼ିଯାଇଛି । କିନ୍ତୁ କିଛି ଲୋକ ଏବେ ବି ସେଠାରେ ଫସି ରହିଛନ୍ତି । ମୋ ନାଁରେ ସେମାନଙ୍କ ଘର ଚଳୁଛି ତେଣୁ ସେମାନେ ଏହା ଜାରି ରଖିପାରିବେ । ମୁଁ ଏହାକୁ ନେଇ ଚିନ୍ତିତ ନୁହେଁ ଏବଂ ମତେ କିଛି ଫରକ ପଡ଼େ ନାହିଁ । ତେବେ ଧନଶ୍ରୀ କିଛି ଦିନ ପୂର୍ବରୁ ରିଆଲିଟି ଶୋ' ରାଇଜ ଆଣ୍ଡ ଫଲରେ ଚହଲଙ୍କୁ ପରୋକ୍ଷରେ ଅଭିଯୋଗ କରିଥିଲେ । ଅଭିନେତ୍ରୀ କୁବ୍ରା ସୈତ ଧନଶ୍ରୀଙ୍କୁ ପଚାରିଥିଲେ ଯେ ସେ କେବେ ଜାଣିଲେ ଯେ ତାଙ୍କ ବିବାହ ଭାଙ୍ଗୁଛି । ଏହାର ଉତ୍ତରରେ ଧନଶ୍ରୀ କହିଥିଲେ ' ମୁଁ ଚହଲଙ୍କୁ ବିବାହର ଦେଢ଼ ବର୍ଷ ଭିତରେ ଧରିଥିଲି ।''

# ଫିଲ୍ମ ଇଣ୍ଡଷ୍ଟ୍ରିର ସୁପର ଷ୍ଟାର : କିନ୍ତୁ ଜୀବନଶୈଳୀ ଅତି ସରଳ



ରଜନୀକାନ୍ତ କାମରୁ ବିରତି ନେଇ ଏକ ଆଧ୍ୟାତ୍ମିକ ଯାତ୍ରାରେ ଅଛନ୍ତି । ସେ ରାସ୍ତାପାର୍ଶ୍ୱରେ ଧୋତି ଓ କୁର୍ତ୍ତା ପିନ୍ଧି ଠିଆ ହୋଇ ଏକ ପତ୍ରଥାଳିରେ ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି । ଏ ସମୟରେ ତାଙ୍କର ଅତି ସରଳ ଜୀବନଶୈଳୀ ଦେଖିବାକୁ ମିଳିଛି ।

ସୁପରଷ୍ଟାର ରଜନୀକାନ୍ତ କାମରୁ ବିରତି ନେଇ ଏକ ଆଧ୍ୟାତ୍ମିକ ଯାତ୍ରାରେ ଅଛନ୍ତି । ଏଭଳି ସମୟରେ ଋଷିକେଶରୁ ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ସେ ରାସ୍ତାପାର୍ଶ୍ୱରେ ଧୋତି ଓ କୁର୍ତ୍ତା ପିନ୍ଧି ଠିଆ ହୋଇ ଏକ ପତ୍ରଥାଳିରେ ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି । ପ୍ରଶଂସକମାନେ ରଜନୀକାନ୍ତଙ୍କ ଏହି ସରଳ ଜୀବନକୁ ଖୁବ ପ୍ରଶଂସା କରିଛନ୍ତି । ରଜନୀକାନ୍ତ ଦ୍ୱାରହାଟ ଏବଂ ବଦ୍ରିନାଥ ଧାମ ମଧ୍ୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ସେ ଗଙ୍ଗା ଆଳତୀ କରିବା ସହିତ ପାହାଡ଼ରେ ବସି ତପସ୍ୟା କରୁଥିବାର ବି ନଜର ଆସିଛି । ଏହି ଯାତ୍ରାକୁ ନେଇ ରଜନୀକାନ୍ତ କହିଛନ୍ତି, 'ମୋର ଏହି ଯାତ୍ରା ଖୁବ ନିଆରା ରହିଛି । ମନକୁ ଏକ ଅଦ୍ଭୁତ ଶାନ୍ତି ମିଳୁଛି' ।

ରଜନୀକାନ୍ତଙ୍କ ବୃତ୍ତିଗତ ଜୀବନ କଥା କହିବାକୁ ଗଲେ ତାଙ୍କୁ ଫିଲ୍ମ 'ଜେଲର ୨' ରେ ଦେଖିବାକୁ ମିଳିବ । ଏହି ଫିଲ୍ମଟି ଆସନ୍ତା ବର୍ଷ ଜୁନରେ ମୁକ୍ତିଲାଭ କରିବ । ଫିଲ୍ମର କିଛି ଅଂଶ ସୁଟିଂ ସରିଥିବା ବେଳେ ଆଉ କିଛି ଅଂଶ ଏବେ ବି ବାକି ଅଛି । ରଜନୀକାନ୍ତଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଫିଲ୍ମଟି ସୁଟିଂ କରାଯାଉଛି ।

# ଦ୍ୱିତୀୟ ଥର ମା' ହେବେ ଭାରତୀ, ଫଟୋ ସେୟାର କରି ଦେଲେ ସୂଚନା

ପୁଣି ଥରେ ମା' ହେବେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ । ଭାରତୀ ଦ୍ୱିତୀୟ ଥର ପାଇଁ ଗର୍ଭବତୀ ଥିବା ଘୋଷଣା କରିଛନ୍ତି । ସେ ସୋସିଆଲ ମିଡିଆରେ ଏକ ଫଟୋ ସେୟାର କରି ଏହି ଘୋଷଣା କରିଛନ୍ତି । ଭାରତୀ ଇନଷ୍ଟାଗ୍ରାମରେ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କ ବେବି ବମ୍ପ ଦେଖାଉଥିବା ଦେଖାଯାଉଛି । ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଚିୟା ମଧ୍ୟ ତାଙ୍କ ସହିତ ଠିଆ ହୋଇଛନ୍ତି ।

ଭାରତୀ ସିଂହ ଏବଂ ହର୍ଷ ଲିମ୍ବାଚିୟା ଇନଷ୍ଟାଗ୍ରାମରେ ଏକ ମିଳିତ ପୋଷ୍ଟ ସେୟାର କରିଛନ୍ତି, ଯେଉଁଥିରେ ଦମ୍ପତି ପାହାଡ଼ ମଧ୍ୟରେ ଠିଆ ହୋଇ ଫଟୋ ପାଇଁ ପୋଜ୍ ଦେଇଛନ୍ତି । ଏହି ଫଟୋ ସହିତ ସେମାନଙ୍କର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଘୋଷଣା କରି ଦମ୍ପତି ଲେଖିଛନ୍ତି, 'ଆମେ ପୁଣି ଥରେ ଗର୍ଭବତୀ ।' ଏହି ଖୁସି ଖବର ଶୁଣି ପ୍ରଶଂସକମାନେ ବହୁତ ଖୁସି ହେବା ସହ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇବା ଆରମ୍ଭ କରିଛନ୍ତି ।

ଭାରତୀ ସିଂହ ଏବଂ ହର୍ଷ ଲିମ୍ବାଚିୟାଙ୍କ ପୁଅ ଲକ୍ଷ୍ୟ ଲିମ୍ବାଚିୟା ମଧ୍ୟ ବଡ଼ ଭାଇ ହେବା ନେଇ ତାଙ୍କର ଉତ୍ସାହ ପ୍ରକାଶ କରିଛନ୍ତି । ଲକ୍ଷ୍ୟ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ସେ ଏକ ଲାଲ ରଙ୍ଗର ଟି-ସାର୍ଟ ପିନ୍ଧିଛନ୍ତି । ପିନ୍ଧିଥିବା ଟି-ସାର୍ଟରେ ଲେଖାଯାଇଛି ଯେ, 'ମୁଁ ବଡ଼ ଭାଇ ହେବାକୁ ଯାଉଛି ।' ଫଟୋ ସହିତ ଥିବା କ୍ୟାପସନରେ ଲେଖା ଅଛି, 'ଏବେ ମୋଠାରୁ ଛୋଟ ଜଣେ ଆସୁଛନ୍ତି ।'




ପୁଅର କାମ ପାଇଁ ଶାହରୁଖଙ୍କ ଘରକୁ ଗଲା ସମନ । ମାନହାନି ମାମଲାରେ ଦିଲ୍ଲୀ ହାଇକୋର୍ଟ ବୁଧବାର ଅଭିନେତା ଶାହରୁଖ ଖାନଙ୍କ କମ୍ପାନି ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ ଏବଂ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସକୁ ସମନ ଜାରି କରିଛନ୍ତି । ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି)ର ପୂର୍ବତନ ଅଧିକାରୀ ସମୀର ୱାଙ୍ଖେଡେଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ଏହି ସମନ ଜାରି କରାଯାଇଛି । କୋର୍ଟ ସମସ୍ତ ପକ୍ଷଙ୍କୁ ସେମାନଙ୍କର ଉତ୍ତର ଦାଖଲ କରିବାକୁ ୭ଦିନ ସମୟ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦ରେ ହେବ ।

ସମୀର ୱାଙ୍ଖେଡେ ତାଙ୍କ ଆବେଦନରେ ଅଭିଯୋଗ କରିଛନ୍ତି ଯେ, ସେପ୍ଟେମ୍ବର ୧୮ ତାରିଖରେ ମୁକ୍ତିଲାଭ କରିଥିବା ୱେବ୍ ସିରିଜ୍ 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍' ତାଙ୍କ ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିଛି । ଏହି ସୋ'ଟି ଶାହରୁଖ ଖାନଙ୍କ ପ୍ରଯୋଜନା ସଂସ୍ଥା, ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ନେଟଫ୍ଲିକ୍ସରେ ପ୍ରସାରିତ ହୋଇଥିଲା । ଏହାର ନିର୍ଦ୍ଦେଶନା ଦେଇଥିଲେ ଶାହରୁଖଙ୍କ ପୁଅ ଆରୟନ ଖାନ୍ । ଏହା ତାଙ୍କର ଡେବ୍ୟୁ ସିରିଜ୍ ଥିଲା ।

ୱାଙ୍ଖେଡେ କହିଛନ୍ତି ଯେ, ସିରିଜ୍‌ରେ ଏକ ଚରିତ୍ର ଦ୍ୱାରା ତାଙ୍କୁ ଚିତ୍ରଣ କରିବାକୁ ଚେଷ୍ଟା କରାଯାଇଛି । ଜଣେ ଏନସିବି ଅଧିକାରୀ ସିରିଜ୍‌ରେ କହିଥିବା କଥା ଓ କରୁଥିବା କାମ ତାଙ୍କୁ ଅପମାନିତ କରିବା ପାଇଁ କରାଯାଇଥିବା ସେ ଦାବି କରିଛନ୍ତି । ପୂର୍ବତନ ଏନସିବି ଅଧିକାରୀ ସୋ'ର ବିଷୟବସ୍ତୁକୁ ମାନହାନିଜନକ ଘୋଷଣା କରିବାକୁ କୋର୍ଟଙ୍କୁ ଅନୁରୋଧ କରିଛନ୍ତି ଏବଂ ୨କୋଟି କ୍ଷତିପୂରଣ ଦାବି କରିଛନ୍ତି । ୱାଙ୍ଖେଡେ ଦାବି କରିଛନ୍ତି ଯେ, ସୋ' ପ୍ରସାରିତ ହେବା ପରେ, ତାଙ୍କୁ ସୋସିଆଲ ମିଡିଆରେ ଅନେକ ଅପମାନଜନକ ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡିଥିଲା ଏବଂ ତାଙ୍କର ସାର୍ବଜନୀନ ଭାବମୂର୍ତ୍ତି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ତାଙ୍କ ଅନୁଯାୟୀ, ଏହି ସୋ' ତାଙ୍କ ବୃତ୍ତିଗତ ସଚ୍ଚୋଟତା ଉପରେ ମଧ୍ୟ ପ୍ରଶ୍ନ ଉଠାଉଛି ।




ଆସାମର ପ୍ରସିଦ୍ଧ ଗାୟକ ଏବଂ ଯୁବପିଢ଼ିଙ୍କ ହୃଦୟସ୍ପନ୍ଦନ ବୋଲି କୁହାଯାଉଥିବା ଜୁବିନ ଗର୍ଗଙ୍କ ଅକାଳ ମୃତ୍ୟୁ ସମସ୍ତଙ୍କୁ ଚକିତ କରିଛି । ସିଙ୍ଗାପୁରରେ ସ୍କୁବା ଡାଇଭିଂ ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଲିସ ଏବେ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଜୁବିନ ଗର୍ଗଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଏବଂ ସିଙ୍ଗାପୁର ମହୋତ୍ସବର ଆୟୋଜକ ଶ୍ୟାମକାନୁ ମହାନ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଏବେ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଗିରଫ କରାଯାଇଛି । ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ପୂର୍ବରୁ, ଜୁବିନ ଗର୍ଗଙ୍କ ପତ୍ନୀ ଗରିମା ଗର୍ଗ ଦୁଃଖ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ଦୁର୍ଘଟଣା ସମୟରେ ଉପସ୍ଥିତ ଥିବା ସମସ୍ତଙ୍କ ଉପରେ ତାଙ୍କର ସନ୍ଦେହ ରହିଛି ।

ତେବେ ଜୁବିନଙ୍କ ମୃତ୍ୟୁ ଘଟଣାରେ ସ୍ୱତାଙ୍କ ସମ୍ପର୍କୀୟ ଭାଇ ସନ୍ଦିପନ ଗର୍ଗଙ୍କୁ ଗିରଫ କରାଯାଇଛି । ସୂଚନା ଅନୁସାରେ, ସନ୍ଦିପନ ଗର୍ଗ ଆସାମ ପୁଲିସ ସେବା (ଏପିଏସ)ରେ ପୁଲିସ ଅଧୀକ୍ଷକ (ଭାରପ୍ରାପ୍ତ) ଭାବରେ କାର୍ଯ୍ୟ କରନ୍ତି । ତାଙ୍କୁ ଆସାମ ସିଆଇଡିର ଏସଆଇଟି ଗିରଫ କରିଛି । ସନ୍ଦିପନ, ଜୁବିନଙ୍କ ସହ ସିଙ୍ଗାପୁର ଯାଇଥିଲେ । ଗାୟକଙ୍କ ମୃତ୍ୟୁରେ ତାଙ୍କର ହାତ ଥିବା ସନ୍ଦେହ କରି ତାଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି ।

ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ସମୟରେ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ହୋଇଥିଲା । ଗାୟକଙ୍କ ଏଭଳି ଆକସ୍ମିକ ମୃତ୍ୟୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ପ୍ରଶଂସକ ଏବଂ ପରିବାର ସମସ୍ତେ ଭାବୁଥିଲେ ଯେ, ସ୍କୁବା ଡାଇଭିଂ ବେଳେ ତାଙ୍କର ଏଭଳି ହଠାତ୍ ମୃତ୍ୟୁ କିଭଳି ହୋଇଗଲା । ଏହି ରହସ୍ୟର ସମାଧାନ କରିବା ପାଇଁ, ତାଙ୍କର ବ୍ୟବଚ୍ଛେଦ ଦୁଇଥର କରାଯାଇଥିଲା । ଏବେ ତାଙ୍କ ମୃତ୍ୟୁ ଘଟଣାକୁ ନେଇ ପୁଲିସ ଅନେକ ଲୋକଙ୍କୁ ଗିରଫ କରିବା ଆରମ୍ଭ କରିଛି ।

# ଆବଶ୍ୟକ ପଡ଼ିଲେ ନିର୍ବାଚନ ଲଢ଼ିବି



ବିହାର ବିଧାନସଭା ନିର୍ବାଚନ ଘୋଷଣା ସହିତ, ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହେଉଛି । ତେବେ ଚର୍ଚ୍ଚା ହେଉଛି ଯେ ମିଥିଳାରେ ପୁନର୍ବାର ବିଜୟ ହାସଲ କରିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଲୋକପ୍ରିୟ ଗାୟିକା ମୈଥିଳୀ ଠାକୁରଙ୍କୁ ସୁଯୋଗ ଦେଇପାରେ । ତେବେ ଏକଥା ନିଜେ ଗାୟିକା ଏକ ସାକ୍ଷାତ୍କାରରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି କି ମଧୁବାଣୀର ବେନିପଟ୍ଟି ଆସନ କିମ୍ବା ଦରଭଙ୍ଗାର ଆଲିନଗର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେ ପ୍ରସ୍ତୁତ ।

ମୈଥିଳୀ ଠାକୁର ହେଉଛନ୍ତି ମଧୁବାଣୀର ବେନିପଟ୍ଟି ବିଧାନସଭା ନିର୍ବାଚନମଣ୍ଡଳୀର ଜଣେ ମତଦାତା । ଆଲିନଗର ହେଉଛି ତାଙ୍କର ମାମୁଘର । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେ ଯେକୌଣସି ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ଦଳ ତାଙ୍କୁ ଯେଉଁ ଆସନରେ ଟିକେଟ୍ ଦେବ ସେ ସେହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତ । ନିକଟରେ ମୈଥିଳୀ ବିଜେପି ଜାତୀୟ ସାଧାରଣ ସମ୍ପାଦକ ଏବଂ ବିହାର ସଂଗଠନ ପ୍ରଭାରୀ ବିନୋଦ ତାୱଡେ ଏବଂ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ଭେଟିଥିଲେ । ସେବେଠାରୁ, ତାଙ୍କ ନିର୍ବାଚନ ଲଢ଼ିବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଚଳିତବର୍ଷ ଜୁଲାଇ ମାସରେ ମୈଥିଳୀ ଠାକୁର ୨୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ୨୦୧୧ ମସିହାରେ, ମାତ୍ର ୧୧ ବର୍ଷ ବୟସରେ ମୈଥିଳୀ ସଙ୍ଗୀତ ଏବଂ ଗାୟନ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରିଥିଲେ ଏବଂ ସେବେଠାରୁ ଏହି କ୍ଷେତ୍ରରେ ସକ୍ରିୟ ଅଛନ୍ତି । ବେନିପଟ୍ଟି ବିଧାନସଭା ଆସନରେ କଂଗ୍ରେସ ଏବଂ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ବିଜେପିର ବିନୋଦ ନାରାୟଣ ଝା ବର୍ତ୍ତମାନ ବିଧାୟକ ଅଛନ୍ତି, ଏବଂ ତାଙ୍କୁ ଦଳର ଜଣେ ପୁରୁଖା ନେତା ଭାବରେ ବିବେଚନା କରାଯାଏ । ଏହି ସମୟରେ, କଂଗ୍ରେସରୁ ପ୍ରତିନିଧିତ୍ୱ କରୁଥିବା ଭାବନା ଝା ୨୦୧୫ ନିର୍ବାଚନରେ ବିଜୟୀ ହୋଇଥିଲେ ।

# ସମ୍ବଲପୁର ଷ୍ଟେସନରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ

ସମ୍ବଲପୁର, ୦୯/୧୦ (ନି.ପ୍ର): ଆଜି ସମ୍ବଲପୁରରୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ରେଳବାଇ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ୭୭୫ ଜଣ ତୀର୍ଥଯାତ୍ରୀ ସମ୍ବଲପୁର ରେଳଷ୍ଟେସନ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଏକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍‌କୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଶୁଭ ଅବସରରେ ସମ୍ବଲପୁରର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ଉତରାଂଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି, ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପରିଚାଳକ ସୁବାସ ଚନ୍ଦ୍ର ଚଉଧୁରୀ ପ୍ରମୁଖ ମଂଚାସୀନ ଥିଲେ। ମନ୍ତ୍ରୀ ରବିନାରାୟଣ ନାଏକ ନିଜ ଅଭିଭାଷଣରେ 'ଆଜି ଓଡିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷ ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବିଭିନ୍ନ ତୀର୍ଥ ସ୍ଥାନକୁ ଯାତ୍ରା କରିବାର ସୁଯୋଗ ପାଇଛନ୍ତି ବୋଲି ସୂଚନା ଜଣାଇ ସମସ୍ତଙ୍କର ସଫଳ ଏବଂ ମଙ୍ଗଳ ଯାତ୍ରାର କାମନା କରିଥିଲେ। ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନେ ଯେଉଁମାନେ ତୀର୍ଥଯାତ୍ରା କରି ପାରୁନାହାନ୍ତି ସେମାନଙ୍କୁ ସେମାନଙ୍କର ଆଧାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରି, ନିଜ ପୁତ୍ର ପୁତ୍ରୀର ଦାୟିତ୍ୱ ବହନ କରିଛନ୍ତି ବୋଲି କହିଥିଲେ। ସମସ୍ତ ଯାତ୍ରୀଙ୍କୁ ସ୍ୱାଗତ କରି ସେମାନଙ୍କର ରହଣୀ, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ବ୍ୟବସ୍ଥା, ଭୋଜନ, ସନ୍ଧ୍ୟା ଜଳଖିଆ ଇତ୍ୟାଦି ସମସ୍ତ ସୁବିଧା ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଛି ବୋଲି କହିଥିଲେ। ମୁଖ୍ୟତଃ ସମସ୍ତଙ୍କ ଯାତ୍ରା ସୁଖମୟ ହେଉ ବୋଲି ପ୍ରଭୁଙ୍କ ଠାରେ ସେ କାମନା କରିବା ସହିତ ସାଥିରେ ଯାଉଥିବା ଏସ୍କର୍ଟ ଅଧିକାରୀମାନଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସଚେତନ କରାଇଥିଲେ। ସୂଚନାନୁଯାୟୀ ଏହି ଯୋଜନା ମାଧ୍ୟମରେ ସମ୍ବଲପୁର ରେଳଷ୍ଟେସନ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍‌ରେ ସମ୍ବଲପୁର ଜିଲ୍ଲାରୁ ମୋଟ୍ ୮୯ ଜଣ ଯାତ୍ରୀ ଯାତ୍ରା କରୁଥିବା ବେଳେ ସୁବର୍ଣ୍ଣପୁରରୁ ୫୨ ଜଣ, ଦେଓଗଡ଼ରୁ ୨୭ ଜଣ, ଅନୁଗୁଳରୁ ୧୦୯ ଜଣ, ଝାରସୁଗୁଡ଼ାରୁ ୫୦ ଜଣ, ସୁନ୍ଦରଗଡ଼ରୁ ୧୮୦ ଜଣ, ବଲାଙ୍ଗୀରରୁ ୧୪୧ ଜଣ ଓ ବରଗଡରୁ ୧୨୭ ଜଣ ମୋଟ୍ ୭୭୫ ଜଣ ବରିଷ୍ଠ ନାଗରିକ ଯାତ୍ରୀ ଅଯୋଧ୍ୟା ଓ ବାରଣାସୀ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି। ଯାତ୍ରୀ ମାନଙ୍କ ପାଇଁ ଖାଦ୍ୟ, ପାନୀୟ, ଏବଂ ଆଶ୍ରୟସ୍ଥଳୀ ର ବ୍ୟବସ୍ଥା କରାଯାଇଛି ଏହା ସହିତ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନିମନ୍ତେ ଏକ ଡାକ୍ତରୀ ଟିମ ଏବଂ ୨୫ ଜଣ ଏସ୍କର୍ଟ୍ ଅଧିକାରୀ ଏହି ଟ୍ରେନ୍‌ରେ ଯାତ୍ରା କରିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚୀତ କରାଯାଇଛି।

# ବିଶ୍ୱ ହୃତପିଣ୍ଡ ଦିବସ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଦ୍ୱାରା ପାଳିତ

ସୁବର୍ଣ୍ଣପୁର, ୦୯/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ଦ୍ୱାରା ବିଶ୍ୱ ହୃତପିଣ୍ଡ ଦିବସ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ସାଧାରଣତଃ ପ୍ରତି ବର୍ଷ ସେପ୍ଟେମ୍ବର ୨୯ ତାରିଖ ବିଶ୍ୱ ହୃତପିଣ୍ଡ ଦିବସ ପାଳିତ ହୁଏ। କିନ୍ତୁ ବର୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ ହୃତପିଣ୍ଡ ଦିବସ ଜିଲ୍ଲା ସ୍ତରରେ ଜିଲ୍ଲା ପ୍ରଶାସନ ଦ୍ୱାରା ପାଳିତ ହୋଇଛି। ଏହି ବିଶ୍ୱ ହୃତପିଣ୍ଡ ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ, ଡ଼ ନୃପରାଜ୍ ସାହୁ, ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ, ରାଜସ୍ୱ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଲିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୋନପୁର, ଶ୍ରୀମତି ସୌମ୍ୟାରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ବିଶ୍ୱ ହୃତପିଣ୍ଡ ଦିବସ ପାଳନ ଅବସରରେ ବିଭିନ୍ନ ବିଭାଗଜିଲ ସ୍ତରୀୟ ଅଧିକାରୀ ବୃନ୍ଦ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଡାକ୍ତର ବୃନ୍ଦ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ବିଶ୍ୱ ହୃତପିଣ୍ଡ ଦିବସରେ ହୃତପିଣ୍ଡ ଓ ତା କାର୍ଯ୍ୟ, କିପରି ହୃତପିଣ୍ଡ ଯତ୍ନନେବା, ହୃତପିଣ୍ଡର ସୁସ୍ଥତା ପାଇଁ ଆବଶ୍ୟକୀୟ ଦିନଚର୍ଯ୍ୟା ଉପରେ ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର, ସମ୍ମାନିତ ଅତିଥି, ଉପଜିଲ୍ଲାପାଳ, ସୋନପୁର, ଡ଼. ଜିତାରାମ୍ ବିଡ, ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଡ଼ ରଞ୍ଜନ କୁମାର ଦାସ,ଶ୍ରୀ ଉମାକାନ୍ତ ନାଗ, ଅଧ୍ୟାପକ, ଜୀବ ବିଜ୍ଞାନ, ସୋନପୁର ରାଜ ମହାବିଦ୍ୟାଳୟ ବିଶଦ ଭାବେ ସେମାନଙ୍କର ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରିଥିଲେ।

# ପୂର୍ବତନ ସୈନିକ ସଂଘ ପକ୍ଷରୁ ୯୩ ତମ ବାୟୁସେନା ଦିବସ ପାଳନ

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): ପୂର୍ବତନ ସୈନିକ ସଂଘ ପକ୍ଷରୁ ୯୩ତମ ବାୟୁସେନା ଦିବସ ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଅଛ। କେନ୍ଦ୍ରାପଡ଼ାର ସମସ୍ତ ଅବସରପ୍ରାପ୍ତ ବାୟୁସୈନିକ ଏବଂ ପୂର୍ବତନ ସୈନିକ ସଂଘର ସମସ୍ତ ଭେଟେରାନ ଏବଂ କେନ୍ଦ୍ରାପଡ଼ାବାସୀଙ୍କୁ ବାୟୁସେନା ଦିବସରେ ଅଭିନନ୍ଦନ ଏବଂ ଶୁଭକାମନା ଜଣାଇ ଅଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପନାର ବାୟୁସେନାର ଅବସରପ୍ରାପ୍ତ ପୂର୍ବତନ ସୈନିକମାନେ ଉପସ୍ଥିତ ଥିଲେ। ସହସମ୍ପାଦକ ସର୍ଜେଂଟ ଅକ୍ଷୟ କୁମାର ସାହୁ, ଜେ.ଡବ୍ଲ୍ୟୁ.ଓ. ପ୍ରଦିପ କୁମାର ପାତ୍ର, ଜେ.ଡବ୍ଲ୍ୟୁ.ଓ ତୁଷାରକାନ୍ତ ମହାପାତ୍ର ,ଯେ.ଡବ୍ଲ୍ୟୁ.ଓ. କଳ୍ପତରୁ ନାୟକ, ଏମ୍.ଡବ୍ଲ୍ୟୁ.ଓ. ମନୋଜ କୁମାର ବାରିକ, ମିସେସ ମନୋଜ କୁମାର ବାରିକ, କ୍ୟାପଟେନ ଅଭୟ କୁମାର ଲେଙ୍କା, ସୁବେଦାର ବିଚିତ୍ର କୁମାର ନାୟକ, ନାଏବ ସୁବେଦାର ଅଞ୍ଜନ କୁମାର ମୁଦୁଲି, ସୁବେଦାର ସୁଖଦେବ ଖଟୁଆ, ସୁବେଦାର ଗୌରାଙ୍ଗ ଚରଣ ସ୍ୱାଇଁ ତଥା ତିନିମୁହାଣ ବଜାରର ସମାଜସେବି ଲୋକମାନେ ଯୋଗଦେଇ ଥିଲେ। ଏହି ଅବସରରେ ଏମ୍.ଡବ୍ଲ୍ୟୁ.ଓ ମନୋଜ କୁମାର ବାରିକ ଏବଂ ଜେ.ଡବ୍ଲ୍ୟୁ.ଓ ପ୍ରଦିପ କୁମାର ପାତ୍ର ଅମର ଯବାନ ସହିଦ ସ୍ତମ୍ଭରେ (ରିଡ୍) ପୁଷ୍ପ ଅର୍ପଣ କରିଥିଲେ ଏବଂ ଦୀପପ୍ରଜ୍ୱଳନ କରି ଦେଶପାଇଁ ସର୍ବୋଚ୍ଚ ବଳିଦାନ ପ୍ରଦାନ କରିଥିବା ବାୟୁବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟ ଭେଟେରାନମାନେ ସହିଦମାନଙ୍କୁ ସାଲ୍ୟୁଟ ପ୍ରଦାନ କରିଥିଲେ। ଜେ.ଡବ୍ଲ୍ୟୁ.ଓ. କଳ୍ପତରୁ ନାୟକ ଏବଂ ଏମ୍.ଡବ୍ଲ୍ୟୁ.ଓ. ମନୋଜ କୁମାର ବାରିକ ଆଧୁନିକ ଭାରତରେ ବାୟୁସେନାର ଯୋଗଦାନ ଉପରେ ମଧ୍ୟ ଆଲୋକପାତ କରିଥିଲେ।

# ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ ତମ ପୁଣ୍ୟ ଜନ୍ମଜୟନ୍ତୀ ପାଳିତ




ଜଳେଶ୍ୱର , ୦୯/୧୦ (ନି.ପ୍ର): ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ଉପ ସଭାପତି ଅନୁଷ୍ଠାନ ର ଚେୟାରମେନ ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କ ୧୪୮ ତମ ପୁଣ୍ୟ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ସଭାପତି କମଳ ଚକ୍ରବର୍ତ୍ତୀ, ବରେଣ୍ୟ ଅତିଥି ଭାବରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ବକ୍ତବ୍ୟରେ ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କ ସାରସ୍ୱତ ସାଧନା ଜନସେବା ସମ୍ପର୍କରେ ଆଲୋକ ପାତ କରିଥିଲେ। ସମାଜସେବୀ ଦିଲ୍ଲୀପ କୁମାର ଗିରି, ପ୍ରାକ୍ତନ ସି ଇ ଓ ଶରତ ଚନ୍ଦ୍ର ପରିଡା, ପ୍ରାକ୍ତନ ବି ଆର ସି ସି କପିଳେଶ୍ୱର ମହାନ୍ତି, ପ୍ରାକ୍ତନ ଏ ବି ଇ ଓ ବନମାଳୀ ଧଳ, କାଶିଡିହା ମ ଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡଃ ଲଳିତ ରଞ୍ଜନ ସେନାପତି, ସମାଜ ଜଳେଶ୍ୱର ର ପ୍ରତିନିଧି ରବିନାରାୟଣ ପାତ୍ର, ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ସାମ୍ବାଦିକ ଦୁର୍ଗା ଶଙ୍କର ଗିରି, ଜଗନ୍ନାଥ ଗୋଛାୟତ, ସୁଧୀର କୁମାର କର,, ଏହି ଅବସରରେ ସେବା ପାଇଁ ଭୋଲାଭଣ୍ଡାରୀ ସଂଗଠନ ର ମୁଖ୍ୟ ହରିଶଙ୍କର ପଣ୍ଡା ଙ୍କୁ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ପୁଷ୍ପ ଗୁଚ୍ଛ ଉପାୟନ ସହ ସେବା କ୍ଷେତ୍ରରେ ଗୋପବନ୍ଧୁ ସେବା ସମ୍ମାନ ରେ ସମ୍ମାନିତ କରାଯାଇଥିଲ। ସମ୍ପାଦିକା ମଧୁଛନ୍ଦା ମହାନ୍ତି, ଅଧ୍ୟକ୍ଷ ଆଇ ଟି ଆଇ ପ୍ରକାଶ କୁମାର ଦିନ୍ଦା, ଅଧ୍ୟାପକ ମାନସ କୁମାର ମାଇତି, ଡାକ୍ତର ଅଭିଶ୍ୱେତା ମହାନ୍ତି,ଇଶାନ କ୍ରୀଷ୍ଣ ଦାସ, କବିତା ବେହେରା, ଅଧ୍ୟାପକ ସ୍ୱରାଜ କୁମାର ଜେନା ପ୍ରଭୃତି ବକ୍ତବ୍ୟ ପ୍ରଦାନ କରିଥିଲେ।

## ଅସୀ ଚାଳନାରେ ସମ୍ବଲପୁର ଛାତ୍ରୀଙ୍କ କୃତିତ୍ୱ

ସମ୍ବଲପୁର, ୦୯/୧୦ (ନି.ପ୍ର): କଟକ ଜବାହାରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଚତୁର୍ଥ ଓଡ଼ିଶା ରାଜ୍ୟ ଅସୀଚାଳନା ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ସମ୍ବଲପୁରକୁ ବ୍ରୋଞ୍ଜ ମେଡାଲ ମିଳିଛି । ସବ୍ ଜୁନିଅର ଇପିରେ ହର୍ଷିତା ନାୟକ ଭାଗ ନେଇଥିଲେ। ସେ ଏଥିରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବର୍ତମାନ ସେ ସେଂଟ ଯୋଶେଫ୍ କନଭେଂଟ ସେକେଣ୍ଡାରୀ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ ଭାବେ ପାଠ ପଢୁଛନ୍ତି । ବ୍ରୋଞ୍ଜ ପଦକ ହାସଲ କରି ସ୍କୁଲ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଏଥିସହ ସେ ଜାତୀୟ ସ୍ତରୀୟ ଅସୀଚାଳନା ପାଇଁ ମନୋନୀତ ହୋଇଛନ୍ତି ।

# ନଅଗାଁ(ଖ) ପଂଚ ଦିବସୀୟ ରନିଙ୍ଗ ଫୁଟବଲ ଟୁର୍ଣ୍ଣାମେଂଟ – ସୁଜିଆ ଚମ୍ପିୟାନ

ବଲାଙ୍ଗୀର, ୦୯/୧୦ (ନି.ପ୍ର): ଆଗଲପୁର ବ୍ଲକ ନଅଗାଁ (ଖ) ହାଇସ୍କୁଲ ଖେଳପଡିଆ ଠାରେ ପଲ୍ଲୀ ଆଲୋକ ପାଠାଗାର ତଥା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ପଂଚଦିବସୀୟ ରନିଙ୍ଗ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ସୁଜିଆ ଓ ତେତେଲଖୁଂଟି ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତେତେଲଖୁଂଟିକୁ ହରାଇ ସୁଜିଆ ଏକାଦଶ ଚମ୍ପିୟାନ ହୋଇଥିଲା। ଉଦଯାପନୀ ତଥା ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଗଲପୁର ବିଡ଼ିଓ ମହାପାତ୍ର କୁଲଦୀପ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ସମାଜସେବୀ ଲଳିତ ସାହୁ, ଦେବରାଜ ବିଶ୍ୱାଳ, ମୀନକେତନ ମହାଲିଙ୍ଗ ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଓ ଉପ ବିଜେତା ଦଳକୁ ନଗଦ ଅର୍ଥରାଶି ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ସିଦ୍ଧେଶ୍ୱର ଧରୁଆ, ଶ୍ରେଷ୍ଠ ଗୋଲ କିପର ଅଶ୍ୱିନୀ ପଟେଲ ଓ ଶ୍ରେଷ୍ଠ ଆକ୍ରମଣାତ୍ମକ ଖେଳାଳି ଭାବେ ସ୍ୱାଧୀନ ଭୁଏଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାଚ୍ କମିଶନର ଦିଲୀପ ଧରୁଆଙ୍କ ନେତୃତ୍ୱରେ ସୁରେଶ ନାଏକ, ଜ୍ୟୋତିରଞ୍ଜନ ରାଉତ, କରୁଣାକର ପଧାନ, ବୀରେନ୍ଦ୍ର ଧରୁଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କରୁଣାକର ବିଶ୍ୱାଳ ଉଦଘୋଷକ ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରତିଯୋଗିତାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକ, ସ୍ୱେଚ୍ଛାସେବୀ ପ୍ରହଲ୍ଲାଦ ପଧାନ, ଗୋବିନ୍ଦ ବିଶିଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୦୯/୧୦ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା) ର ବୈଠକ ବୁଧବାର କମିଟିର ଅଧ୍ୟକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଣ୍ଟାବାଞ୍ଜି ବିଧାୟକ, ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର , ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଏବଂ ବିଧାୟକ ମାନଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ସେମାନଙ୍କ ସହ ବିଭିନ୍ନ ପଞ୍ଚାୟତ ସମିତି ର ଅଧ୍ୟକ୍ଷ ଅଧ୍ୟକ୍ଷା ,ଦିଶା କମିଟି ର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ରମେଶ ସାହୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଉପ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ ସୁଦେଶ କୁମାର ଚୌଧୁରୀ, ଡିଆରସିଏସ ପ୍ରମଦ କୁମାର ବରିହା ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତ୍ତାକୁ ସୁନିର୍ଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସେହି ପରିଭାବେ ପୋଲ ନିର୍ମାଣ, ରୂପାନ୍ତରିତ ହେଉଥିବା ରେଳ ଷ୍ଟେସନର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ, ଆମ୍ବୁଲାନ୍ସ ସେବା ସମ୍ପର୍କରେ, ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତି ସମ୍ପର୍କରେ, କୃଷି, ମୃତ୍ତିକା ସଂରକ୍ଷଣ ତଥା ଜୈବିକ ପଦ୍ଧତିରେ ଚାଷ, ଜଳସେଚନ, ଶିକ୍ଷା, ଗୋପାଳନ, ଗୋଶାଳା ନିର୍ମାଣ, ସମବାୟ ସମିତି ସମ୍ପର୍କରେ, ତୁଷୁରା ବିମାନ ଅବତରଣ ସ୍ଥଳ / ବିମାନବନ୍ଦର ତଥା ବିଭିନ୍ନ ପରିଯୋଜନାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା ହୋଇଥିଲା । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତ୍ତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକ ଯେପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ, ସେଥିପ୍ରତି ଯତ୍ନବାନ ହେବାକୁ ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସୁନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟାଟା ଏସି ପାଣି ଟାଙ୍କି ଧକ୍କାରେ ଚାଷୀ ମୃତ

ଧର୍ମଶାଳା, ୦୯/୧୦ (ନି.ପ୍ର): ଯାଜପୁର ଜିଲା ବରୁହାଁ-କୃଷ୍ଣଦାସପୁର ମୁଖ୍ୟ ରାସ୍ତା କଲେଜ ଛକ ନିକଟରେ ଦୁର୍ଘଟଣା । ସାଇକେଲ ଚାଳକଙ୍କୁ ପଛ ପଟୁ ଧକ୍କା ଦେଲା ଟାଟା ଏସି ପାଣି ଟାଙ୍କି ଗାଡି । ଫଳରେ ସାଇକେଲ ଚାଳକ ଗୁରୁତର ହୋଇପଡିଥିଲେ । ତାଙ୍କୁ କଟକ ବଡ ମେଡିକାଲକୁ ନେବା ସମୟରେ ବଡଚଣା ନିକଟରେ ତାଙ୍କୁ ମୃତ୍ୟୁ ହୋଇଥିଲା । ମୃତକ ଜଣକ ହେଲେ ବ୍ରହ୍ମବରଦା ପଂଚାୟତସ୍ଥ ବେଲଗୁଡି ଗ୍ରାମର ନବଘନ ବେହେରା(୫୫) ବୋଲି ଜଣାପଡିଛି । ପୋଲିସ ଦୁର୍ଘଟଣା ଘଟାଇଥିବା ଟାଟା ଏସିକୁ ଜବତ କରିବା ସହିତ ବଡଚଣାରୁ ମୃତ ଦେହ ଜବତ କରିଛି ।

ସୂଚନା ମୁତାବକ,ଆଜି ଅପରାହ୍ନରେ ନବଘନ ସାଇକେଲ ଯୋଗେ ବରୁହାଁ-କୃଷ୍ଣଦାସପୁର ମୁଖ୍ୟ ରାସ୍ତା କଲେଜ ରୋଡରେ ବିଲକୁ ଧାନ ଆଣିବାକୁ ଯାଉଥିଲେ । ତେବେ ବ୍ରହ୍ମବରଦାରୁ ନାଳକୂଳ ଅଭିମୁଖେ ଯାଉଥିବା ଏକ ପାଣିଟାଙ୍କି ଟାଟା ଏସି ଗାଡି କଲେଜ ଛକ ନିକଟରେ ତାଙ୍କ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ନବଘନ ଗୁରୁତ ହୋଇ ପଡିଥିଲେ।

# 'ଚିର ବିଜୟୀ ଅଭିଜିତ' ପୁସ୍ତକ ଉନ୍ମୋଚିତ ଓ ଫାଉଣ୍ଡେସନ ଉଦ୍‌ଘାଟିତ



ବସ୍ତା , ୦୯/୧୦ (ନି.ପ୍ର): ଜଣେ ପ୍ରତିଭାବାନ ଛାତ୍ର ତଥା ଉଦୀୟମାନ ଆଡଭୋକେଟ୍ ଅଭିଜିତ କାଶ୍ୟପ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆଜି ତାଙ୍କ ଜୀବନ ଯାତ୍ରା କୁ ସ୍ମରଣୀୟ କରିବା ପାଇଁ 'ଚିର ବିଜୟୀ ଅଭିଜିତ' ପୁସ୍ତକ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏଠାରେ ପ୍ରକାଶ ଥାଉ କି ବିଶିଷ୍ଟ ସମାଜସେବୀ ଓ ବରିଷ୍ଠ ବିଜେପି ନେତା ଶ୍ୟାମାପ୍ରସାଦ ବେହେରାଙ୍କ ଏକମାତ୍ର ପୁତ୍ର ଅଭିଜିତ ଗତବର୍ଷ ବାଙ୍ଗାଲୋରରେ ଏକ ରାଷ୍ଟ୍ରୀୟ ଆଇନ କମ୍ପାନୀରେ ଉଚ୍ଚ ପଦରେ ଚାକିରି କରୁଥିବା ସମୟରେ ତାଙ୍କ ଭଡାଘରେ ସନ୍ଦେହ ଜନକ ପରିସ୍ଥିତିରେ ମୃତ୍ୟୁ ବରଣ କରିଥିଲେ। ଆଜି ତାଙ୍କ ସ୍ମୃତିରେ ଶ୍ରୀ ବେହେରାଙ୍କ ବସ୍ତା ବଜାର ସ୍ଥିତ ବାସଭବନରେ ଚଉପ୍ରହରୀ ନାମ ସଂକୀର୍ତ୍ତନ ସହ 'ଅଭିଜିତ କାଶ୍ୟପ ଫାଉଣ୍ଡେସନ' ନାମରେ ଏକ ଦାତବ୍ୟ ଅନୁଷ୍ଠାନ ଉଦଘାଟିତ ହୋଇଛି। ଅଭିଜିତ ର ଜୀବନାଦର୍ଶ କୁ ବଜାୟ ରଖିବା ପାଇଁ ଶୁଭେଚ୍ଛୁ, ବନ୍ଧୁ ଓ ପରିବାର ସଦସ୍ୟଙ୍କ ଆର୍ଥିକ ଅନୁଦାନ ରେ ଗଠିତ ଏହି ଟ୍ରଷ୍ଟ ଶିକ୍ଷା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାସହ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରିବ।

# ଶ୍ରୀମନ୍ଦିରରେ ପୋଲିସ ନିଷ୍ଠା ଓ ସେବା ସମ୍ପର୍କରେ ଫିଡ଼ବ୍ୟାକରେ ଜଣାଇଲେ ଭକ୍ତ

ପୁରୀ, ୦୯/୧୦ (ନି.ପ୍ର): ପୁରୀ ପୋଲିସ ପକ୍ଷରୁ ଭକ୍ତ ମାନେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରି ଫେରିବା ସମୟରେ ଫିଡବ୍ୟାକ ଦେବା ପାଇଁ ବ୍ୟବସ୍ଥା ହୋଇଛି । ପବିତ୍ର କାର୍ତିକ ମାସର ଦ୍ୱିତୀୟ ଦିନ ଭିତରେ ପୁରୀ ପୋଲିସ ତାଙ୍କର ସେବା ଓ ବ୍ୟବସ୍ଥାପନା ନେଇ ୯୪ ଜଣ ଭକ୍ତଙ୍କ ଠାରୁ ମୋଟ ଫିଡ଼ବ୍ୟାକ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭୦ ଜଣ ଭକ୍ତ ସ୍ୱତସ୍ଫୂର୍ତ ଭାବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ପୁରୀ ପୋଲିସଙ୍କ ଦ୍ୱାରା ଦିଆଯାଉଥିବା ସୁଚିନ୍ତିତ ଏବଂ ସୁସଂଖଳିତ ବ୍ୟବସ୍ଥା ପ୍ରତି ଗଭୀର ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେଥିସହ ମୋଟ ୨୪ ଜଣ ଭକ୍ତ ନିଜର ମତାମତ ଦେଇଥିବା ସମୟରେ କିଛି ସାମାନ୍ୟ ପ୍ରସ୍ତାବ ରଖିଛନ୍ତି ସେମାନଙ୍କ ମଧ୍ୟରୁ ୧୨ ଜଣ ଭକ୍ତ ମନ୍ଦିର ପରିସରର କିଛି ସ୍ଥାନରେ ପାଣି ରଖିବା ପାଇଁ ଅନୁରୋଧ କରିଥିଲେ ଓ ଅନ୍ୟ ୧୨ ଜଣ ଭକ୍ତ କ୍ୟୁଆର କୋଡ୍ ସ୍କାନ ମାଧ୍ୟମରେ ନିଜ ଫିଡ଼ବ୍ୟାକ ଦେଇଥିଲେ। ପୁରୀ ପୋଲିସଙ୍କ ଦ୍ୱାରା ଉତର ଦ୍ୱାରରେ ବିଶେଷ ଫିଡବ୍ୟାକ ସେଣ୍ଟର ସ୍ଥାପିତ ହୋଇଥିବା ସହିତ ମନ୍ଦିର ପରିସରର ବିଭିନ୍ନ ସ୍ଥାନରେ କ୍ୟୁଆର ସ୍କାନ ବ୍ୟବସ୍ଥା ମାଧ୍ୟମରେ ଭକ୍ତମାନେ ନିଜ ମତାମତ ଦେଇପାରୁଛନ୍ତି। କର୍ଣ୍ଣାଟକ ଓ ମଧ୍ୟପ୍ରଦେଶର ଭକ୍ତଙ୍କ ପ୍ରଶଂସା ଏହି ଦିନ ସୁଦ୍ଧା କର୍ଣ୍ଣାଟକ ରୁ ପ୍ରାୟ ୭୦ ଜଣ ଭକ୍ତ ପୁରୀ ଆସି ଶ୍ରୀଜଗନ୍ନାଥ ଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଭକ୍ତ ନିଜ ଫିଡ଼ବ୍ୟାକ ରେ ଲେଖିଥିଲେ ପୁରୀ ପୋଲିସଙ୍କ ଦ୍ୱାରା ଦିଆଯାଇଥିବା ବ୍ୟବସ୍ଥା ସୁନ୍ଦର ଏବଂ ସୁସଂଖଳିତ। ଆମେ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କୁ ଧନ୍ୟବାଦ ଜଣାଉଛୁ। ସେହିପରି, ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲାର ସୃଷ୍ଟି ମିଶ୍ର ନାମକ ଭକ୍ତ ନିଜ ଅଭିଜ୍ଞତା ଅନୁଭବ କହିଥିଲେ । ମନ୍ଦିର ଭିତରେ ଏକ ଛୋଟ ପିଲା ଅସୁସ୍ଥ ଲାଗିଲା ବେଳେ, ତୁରନ୍ତ ପୋଲିସ ତାକୁ ସେଠାରୁ ବାହାର କରି ଶାନ୍ତିପୂର୍ଣ୍ଣ ଭାବରେ ଦର୍ଶନ କରାଇ ଛାଡିଦେଲେ। ଏହି ମାନବିକ ସେବା ଦେଖି ଆମେ ଓଡ଼ିଶା ପୋଲିସଙ୍କ ପ୍ରଶଂସା କରୁଛୁ। ସେହିପରି ଦିଲ୍ଲୀର ଭକ୍ତଙ୍କ ଅଭିଭାବକ ଏହି ଫିଡ଼ବ୍ୟାକ ମଧ୍ୟରେ ଜଣେ ଦିଲ୍ଲୀର ଭକ୍ତ ଲେଖିଛନ୍ତି ଏତେ ଭିଡ଼ ହୋଇଥିଲେ ମଧ୍ୟ ପୁରୀ ପୋଲିସ ସଂଯମ ଓ ସେବାଭାବ ରଖି ଭକ୍ତମାନଙ୍କୁ ସହଯୋଗ କରୁଛନ୍ତି। ଏପରି ସମର୍ପିତ ପୋଲିସ କୁ ଆମ ସାଧୁବାଦ ଜଣାଇଥିଲେ।

# ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଗାଁ ଗାଁରେ ପାଠାଗାର

କୋରେଇ, ୦୯/୧୦ (ନି.ପ୍ର): ଭୁବନେଶ୍ୱରପୁର ପଂଚାୟତ ଅଧୀନସ୍ଥ ଭଗତପୁର ଗ୍ରାମର ଲକ୍ଷ୍ମୀଛକଠାରେ ଏକ ପୁସ୍ତକ ତଥା ଇ-ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ଉଦ୍ୟମ ନିଆଯାଇଛି। ପାଠାଗାରର ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ବହି ତଥା ଇ-ପୁସ୍ତକ ସଂଗ୍ରହ, କମ୍ପ୍ୟୁଟର, ଇଂଟରଆକ୍ଟିଭ୍ ଡିଜିଟାଲ୍ ବୋର୍ଡ୍ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ପାଇଁ ଗତ ଅକ୍ଟୋବର ୫ ତାରିଖରେ ପାଠାଗାରର କାର୍ଯ୍ୟକାରୀ କମିଟି ବୈଠକରେ ସିଦ୍ଧାନ୍ତ କରାଯାଇଛି । କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସମେତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀମାନଙ୍କ ପାଇଁ ପାଠାଗାରର ସୁଯୋଗ ସୃଷ୍ଟି ଲକ୍ଷରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ତଥା ଜନକଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଥିବା ମାଧବାନନ୍ଦ ଷଡ଼ଙ୍ଗୀଙ୍କ ସ୍ମୃତିରେ ନିର୍ମିତ ହେଉଥିବା ଏହି ପାଠାଗାରର ନାମ " ମାଧବାନନ୍ଦ ପାଠାଗାର" ରଖାଯାଇଛି । ୨୦୨୬ ଜାନୁଆରୀ ୨୩ରେ ଉଦ୍‌ଘାଟିତ ହେବାକୁ ଯାଉଥିବା ଏହି ପାଠାଗାରକୁ ନେଇ ସ୍ଥାନୀୟ ଛାତ୍ରଛାତ୍ରୀ, ଶିକ୍ଷକ ତଥା ବୁଦ୍ଧିଜୀବୀଙ୍କ ସ୍ତରେ ବ୍ୟାପକ ଭାବରେ ଆଗ୍ରହ ପ୍ରକାଶ ପାଇଛି । ଗତ ଅକ୍ଟୋବର ୫ ତାରିଖରେ ସ୍ଥାନୀୟ ଗୋପବନ୍ଧୁ ସଭାଗୃହରେ ଛାତ୍ରଛାତ୍ରୀମାନେ ସମବେତ ହୋଇ ପାଠାଗାରରେ କେଉଁ କେଉଁ ପୁସ୍ତକ ରଖାଯିବାର ଆବଶ୍ୟକତା ଅଛି, ସେ ସମ୍ପର୍କରେ ଗଠନମୂଳକ ପ୍ରସ୍ତାବମାନ ରଖିଥିଲେ । ଏହି ପାଠାଗାର ପ୍ରତି ଓଡ଼ିଶାର ବୁଦ୍ଧିଜୀବୀମାନଙ୍କ ଭିତରେ ମଧ୍ୟ ଆଗ୍ରହ ପ୍ରକାଶ ପାଇଛି । ଖ୍ୟାତନାମା ସାହିତ୍ୟିକ ଡ଼କ୍ଟର ବିଭୁତି ପଟ୍ଟନାୟକ ୨୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ସହ ୩୦୦ ରୁ ଉର୍ଦ୍ଧ୍ୱ ପୁସ୍ତକ ଦାନ କରିଛନ୍ତି । ଏ ପର୍ଯ୍ୟନ୍ତ ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉକ୍ତ ପାଠାଗାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଉକ୍ତ ବୈଠକରେ ସାମ୍ୟବାଦୀର ପୂର୍ବତନ ସମ୍ପାଦକ ତଥା ମାଧବାନନ୍ଦ ପାଠାଗାରର ସଭାପତି ସନ୍ତୋଷ ଦାସ ସଭାପତିତ୍ୱ କରିଥିଲାବେଳେ ଭୁବନେଶ୍ୱରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଓ ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର ରାୟ, ମାଧବାନନ୍ଦ ପାଠାଗାରର ସମ୍ପାଦକ ରବିନାରାୟଣ ସାହୁ, ଡ଼ା ନିର୍ମଳ ରଥ, ସୁରେଶ ସାହୁ, ଶିକ୍ଷକ ସର୍ବଶ୍ରୀ କୀର୍ତନ ଚନ୍ଦ୍ର ଦଳାଇ, ସତ୍ୟପ୍ରକାଶ ସାହୁ, ରବିନ୍ଦ୍ର ଯେନା, ପ୍ରସନ୍ନ ସାହୁ, ଦୀପକ ବେହେରା ତଥା ଅନେକ ଛାତ୍ରଛାତ୍ରୀ ସତ୍ୟଭାମା ବିହାରୀ, ନିହାରିକା ପଣ୍ଡା, ମାଧବ କୁଣ୍ଟ, ତୁଷାରକାନ୍ତ ଦାସ, ଶୁଭଙ୍କର ସାହୁ ବୈଠକରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### 'ବଣିକ୍' ପାଲଟିଥିଲା ...

ହେବ ବୋଲି କହିଛି ଓପିଆରବି। କ୍ରାଇମବ୍ରାଞ୍ଚର ନନ୍ ଷ୍ଟପ୍ ରେଡ୍, ଦସ୍ତାବିଜ୍ ସିଜ କରି ଘନ ଘନ ପ୍ରଶ୍ନବାଣ। ସମୟ ଠିକ୍ ଅପରାହ୍ନ ୩ଟା ୪୫ ମିନିଟ୍। ହଠାତ୍ କ୍ରାଇମବ୍ରାଞ୍ଚ ଟିମ ପହଞ୍ଚିଥିଲା ଭୁବନେଶ୍ୱର ସିଆରପି ଛକ ନିକଟରେ ଥିବା ବଣିକ୍ କୋଚିଂ ସେଣ୍ଟରରେ। ଏସଆଇ ପରୀକ୍ଷା କେଳେଙ୍କାରୀରେ ଗିରଫ ଶତାଧିକ ଆଶାୟୀଙ୍କ ମଧ୍ୟରୁ କିଛି ଜଣଙ୍କର ଲିଙ୍କ୍ ବଣିକ୍ ସହ ଥିବା ଜଣାପଡିବା ପରେ ଆଜି ଏମିତି ହଠାତ୍ ଚଢାଉ କରିଥିଲା କ୍ରାଇମବ୍ରାଞ୍ଚ। ସେଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ସହ ବଣିକର କର୍ମଚାରୀଙ୍କୁ ଗୁରେଇ ତୁରେଇ ପଚାରିଥିଲା। ବଣିକର ୫ ବର୍ଷର ରେକର୍ଡ ସଂଗ୍ରହ କରିଥିଲେ ତଦନ୍ତକାରୀ ଟିମ୍। ଘଟଣାର ମୁଖ୍ୟ କାର୍ପଟଦାର ଶଙ୍କର ପୃଷ୍ଟି ସହ ବଣିକ୍ ମାଲିକ ସୁବ୍ରତ ଛାଟୋଇଙ୍କ ସହ କଣ ଥିଲା ସମ୍ପର୍କ ଥିବା ତାହା ଜାଣିବାକୁ ଚାହିଁଥିଲା କ୍ରାଇମବ୍ରାଞ୍ଚ। ତେବେ ଚଢାଉ ବେଳେ ସୁବ୍ରତ ଛାଟୋଇ ଉପସ୍ଥିତ ନଥିଲେ। ଅନ୍ୟପଟେ ବଣିକର କର୍ମଚାରୀ କହିଛନ୍ତି ଏସଆଇ ପରୀକ୍ଷା ସହ ବଣିକର ନେଣଦେଣ ନାହିଁ। ପୂର୍ବରୁ କ୍ରାଇମବ୍ରାଞ୍ଚ ଗତ ୫ ତାରିଖରେ ଭୁବନେଶ୍ୱର ରଘୁନାଥପୁରରେ ଥିବା ଶ୍ରୀ ଲିଙ୍ଗରାଜ ଇନଫୋସଲ୍ ଅନଲାଇନ ପରୀକ୍ଷା କେନ୍ଦ୍ର ଉପରେ ଚଢ଼ାଉ କରି ସିଲ୍ କରିଥିଲା। ଶଙ୍କର ପୃଷ୍ଟି ଏଠାକୁ ଆସୁଥିବା ଏବଂ ପରିକ୍ଷାର୍ଥୀଙ୍କ ପାଇଁ ଏଠାରେ ଫିକ୍ସିଂ କରିଥିବା ନେଇ ଜାଣିବାକୁ ପାଇଥିଲା। ସେପଟେ ଏସଆଇ ପରୀକ୍ଷା ମହାକେଳେଙ୍କାରୀକୁ ନେଇ ଆଜି ଗର୍ଜିଛି କଂଗ୍ରେସ। ଲୋୟର ପିଏମଜିରେ ଯୁବ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ତେଣେ ଆଇନ ମନ୍ତ୍ରୀ କହିଛନ୍ତି ଏସଆଇ ନିଯୁକ୍ତିରେ ଦୁର୍ନୀତି ଖବର ସାମ୍ନାକୁ ଆସିବା ମାତ୍ରେ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଯେଉଁମାନଙ୍କ ନାଁ ଆସିବ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜି ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଡଂଜଜଇ ପକ୍ଷରୁ ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି, କ୍ରାଇମବାଞ୍ଚ ଘଟଣାର ତଦନ୍ତ କରୁଛି ଏବଂ ମାମଲାରେ ଜଡିତ ଥିବା ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ସମସ୍ତ ପ୍ରାର୍ଥୀଙ୍କୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ଅନୁରୋଧ କରିଛନ୍ତି ଏହାର ଅଧକ୍ଷ ସୁଶାନ୍ତ ନାଥ। ଅନ୍ୟ ପଟେ ମାମଲାରେ ସିବିଆଇ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି।

### ଆଜି ପ୍ରଥମ ପର୍ଯ୍ୟାୟ...

ଏନଡିଏ ଓ ମହାମେଣ୍ଟ ପାଇଁ ଆସନ ବଣ୍ଟା ବଡ଼ ଚ୍ୟାଲେଞ୍ଜ ସାଜିଛି। ଏହାରି ଭିତରେ ଆରଜେଡି ଛାଡିଛନ୍ତି ଭାବୁଆ ନିର୍ବାଚନମଣ୍ଡଳୀର ବିଧାୟକ ଭାରତ ବିନ୍ଦ। ଇସ୍ତଫା ଦେଇ କହିଛନ୍ତି, ଭାରତୀୟ ଜନତା ପାର୍ଟି ଟିକେଟରେ ନିର୍ବାଚନ ଲଢ଼ିବେ। ଅନ୍ୟପଟେ ଦିଲ୍ଲୀରେ ବସିଥିବା ମାରାଥନ ବୈଠକରୁ ବାହାରିଛନ୍ତି ଚିରାଗ ପାସୱାନ, ଚିରାଗଙ୍କୁ ବୁଝାଇ ବୁଝାଇ ବିଜେପି ନେତା ହାଲିଆ ହେଲେ ବୈଠକ ସରିବା ପରେ ଚିରାଗଙ୍କ ମୁହଁରେ ହସ ଥିଲା , ନିତ୍ୟାନନ୍ଦ ରାୟ କହିଛନ୍ତି ସବୁକିଛି ଠିକ୍ ଏବଂ ସକାରାତ୍ମକ ଥିଲା। ଚିରାଗ ମଧ କହିଛନ୍ତି ବୈଠକ ସକାରାତ୍ମକ ରହିଛି। ଏନଡିଏ ସମସ୍ୟାକୁ ହାତ ଛଡ଼ା କରିନି କଂଗ୍ରେସ । ବରିଷ୍ଠ କଂଗ୍ରେସ ନେତା ପବନ ଖେରା କହିଛନ୍ତି, ମହାମେଣ୍ଟର ଦ୍ୱାର ଚିରାଗ ପାସୱାନ ଓ ଉପେନ୍ଦ୍ର କୁଶୱାହା ଏବଂ ଜିତନ ରାମ ମାଞ୍ଝୀଙ୍କ ପାଇଁ ଖୋଲା ଅଛି।ଅନ୍ୟପଟେ ପ୍ରାର୍ଥୀ ତାଲିକା ପ୍ରଥମେ ଜନ ସୁରାଜ ପାର୍ଟି ଘୋଷଣା କରି ଅଡୁଆରେ । ତାଲିକା ପ୍ରକାଶ ପାଇବା ପରେ, ଯେଉଁ ନେତାଙ୍କ ନାମ କଟିଛି ସେମାନଙ୍କ ପ୍ରତିବାଦ ଆରମ୍ଭ ହୋଇଛି। ନେତାଙ୍କ ସମର୍ଥକମାନେ ଦଳୀୟ କାର୍ଯ୍ୟାଳୟରେ ହଙ୍ଗାମା କରିଛନ୍ତି। ସୂଚନା ଅନୁଯାୟୀ, ଆସନ୍ତାକାଲି ଦିଲ୍ଲୀରେ ଏଲଜେପିର ରାମବିଳାସ ସଂସଦୀୟ ବୋର୍ଡର ଏକ ବୈଠକ ଡକାଯାଇଛି ଏବଂ ଆସନ ବଣ୍ଟନ ନେଇ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି । ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ପ୍ରାର୍ଥୀ ପତ୍ର ଦାଖଲ ପାଇଁ ଆଉ ମାତ୍ର ୮ଦିନ ବାକି ରହିଛି । ଏଭଳି ସ୍ଥିତିରେ ଆରଜେଡି ଓ କଂଗ୍ରେସ ମଧ୍ୟରେ ଚାଲିଥିବା ଆସନ ଭାଗବଣ୍ଟା ବଡ଼ ସମସ୍ୟା ସୃଷ୍ଟି କରିଛି ।

### ଆମେରିକାରେ ଟ୍ରମ୍ପଙ୍କୁ ...

ଦଣ୍ଡମୂଳକ ଟ୍ୟାରିଫ୍ କାରଣରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗଡ଼ିଛି। ଏହା ଭାରତୀୟ ଉତ୍ପାଦକଙ୍କୁ କ୍ଷତି ପହଞ୍ଚାଇଛି । ଆମେରିକୀୟ ଉପଭୋକ୍ତାଙ୍କ ମୂଲ୍ୟ ବୃଦ୍ଧି ଓ ସରବରାହ ଶୃଙ୍ଖଳା ଭାଙ୍ଗୁଛି । ସେମାନେ ଟ୍ରମ୍ପଙ୍କୁ ଏହି ଅନ୍ୟାୟଯୁକ୍ତ ଟାରିଫ୍ ଉଚ୍ଛେଦ କରି ସମ୍ପର୍କ ସୁଧାରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହା ଭାରତ-ଆମେରିକା ବାଣିଜ୍ୟ ଭାଗୀଦାରିର ନିର୍ଭରତା ଉପରେ ପ୍ରଭାବ ପକାଇବ ବୋଲି ଚିଠିରେ ଉଲ୍ଲେଖ ହୋଇଛି ।

## ଉତ୍କଳମଣିଙ୍କ ଜୟନ୍ତୀରେ ନିଃସ୍ୱାର୍ଥପର ସେବା ପାଇଁ ଆହ୍ୱାନ

ଜଳେଶ୍ୱର , ୦୯/୧୦ (ନି.ପ୍ର): ସତ୍ୟବାଦୀ ବନ ବିଦ୍ୟାଳୟର ସୃଷ୍ଟି କର୍ତ୍ତା, ସତ୍ୟ ପଥର ପଥିକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ସଭା କକ୍ଷରେ ସ୍ମୃତି ସଂସଦର ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ପୌରୋହିତ୍ୟରେ ଏକ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇଥିଲା।ସଭାର ପ୍ରାରମ୍ଭରେ ଉତ୍କଳମଣିଙ୍କ ଫଟୋଚିତ୍ରରେ ସମସ୍ତ ଆୟୋଜକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ହେଉ କିମ୍ୱା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଉଦ୍ଦେଶ୍ୟରେ ଗଠିତ ଉତ୍କଳ ସମ୍ମିଳନୀର ନେତୃତ୍ୱ ନେଇ ସେ ପ୍ରାଦେଶିକ ଓ ଜାତୀୟ ସ୍ୱାର୍ଥକୁ ଏକ ସମୟରେ ତୋଳି ଧରିବାରେ ଯେଉଁ ବିଚକ୍ଷଣତା ପ୍ରଦର୍ଶନ କରିଥିଲେ ତାହା ଅନନ୍ୟ ତଥା ଅବିସ୍ମରଣୀୟ। ଆଜି ସମାଜରେ ସେଭଳି ଜଣେ ନିଃସ୍ୱାର୍ଥପର ସେବକ, ଜଣେ ଦରଦୀ,ନୀତିନିଷ୍ଠ ମଣିଷ ମିଳିବା ଅସମ୍ଭବ କହିଲେ ଭୁଲ ହେବ ନାହିଁ। ଯେଉଁମାନେ ଦେଶ ସେବା କରିବାକୁ ଆଗେଇ ଆସୁଛନ୍ତି ସେମାନେ ଯଦି ପ୍ରକୃତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧା ତଥା ସମ୍ମାନ କରୁଥାନ୍ତି ତେବେ ପ୍ରଥମେ ମାନବ ସେବା ପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ସଭାରେ ଓଷ୍ଟାର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ,ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ଜଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜ୍ଜନ ଚରଣ ଜେନା,ସମାଜ ସେବୀ ଡକ୍ଟର ଅଜିତ୍ ମହାନ୍ତି, ଅଜିତ୍ ଦାସ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ ପ୍ରଧାନ ଓ ରବିନାରାୟଣ ପାତ୍ର ପ୍ରମୁଖ ଆହ୍ୱାନ ଦେଇଥିଲେ। ମଞ୍ଚ ଆହ୍ୱାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ସବିତା ରାଣୀ ପାଠୀ।

## ଗୋପବନ୍ଧୁ ନଗର ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ




ବଡ଼ସାହି , ୦୯/୧୦ (ନି.ପ୍ର): ଗୋପବନ୍ଧୁ ନଗର ପ୍ରେସ କ୍ଲବ ତରଫରୁ ଆଜି ପଶୁଦା ପଞ୍ଚାୟତ ସାନବେଲାକୁଟି ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୮ ତମ ଜୟନ୍ତୀ ତଥା ପ୍ରେସ କ୍ଲବର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବାପୁଜୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କୃଷ୍ଣ ଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ, ପ୍ରେସ କ୍ଲବର ସଂପାଦକ ଡ଼କ୍ଟର କୁମାର ବାବୁଲି ପ୍ରମୁଖ ଯୋଗ ଦେଇ ପ୍ରବାଦ ପୁରୁଷ ଗୋପବନ୍ଧୁ ଜଣେ ସୁ ସଂଗଠକ, ସମାଜସେବୀ ତଥା ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିବା ସହ ତାଙ୍କ ଆଦର୍ଶ ଓ ନିତି କୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରାରମ୍ଭରେ ଗୋପବନ୍ଧୁ ଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରାଯାଇଥିଲା। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଓ ସହ ସଂପାଦକ ଶାନ୍ତନୁ କୁମାର ମଢୁଆଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଲିସ୍ ସଲଙ୍ଗି ପ୍ରଥମ, ଅର୍ପିତା ମହଲା ଦ୍ୱିତୀୟ ଓ ସ୍ୱାଗତିକା ମାରାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଦୀପକ କୁମାର ଚୈଧୁରୀ, ସୂର୍ଯ୍ୟକାନ୍ତି ପୃହାଣ, ସସ୍ମିତ କୁମାର ରାଉତ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମଢୁଆଳ, ଯୋଗେଶ୍ୱର ସାହୁ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ ପ୍ରତିଯୋଗିତା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ଜିଲ୍ଲାରୁ ଅଯୋଧ୍ୟା ଓ ବାରଣାସୀ ତୀର୍ଥ ଯାତ୍ରାରେ ଯିବେ ୧୯୬ ଜଣ ବରିଷ୍ଠ ନାଗରିକ

ବାରିପଦା , ୦୯/୧୦ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁ ମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥ ଯାତ୍ରାରୁ ବଂଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି ଏବଂ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ହବା ସହିତ ସେମାନଙ୍କ ମନରେ ଆନନ୍ଦ ଆଣିଦେଇପାରିଛି। ଏହି କ୍ରମରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି । ଏହି ମନୋନୀତ ବରିଷ୍ଠ ନାଗରିକ ମାନେ ଚଳିତ ବର୍ଷ ୦୬-୧୧-୨୦୨୫ ରୁ ୧୨-୧୧-୨୦୨୫ ପର୍ଯ୍ୟନ୍ତ ତୀର୍ଥ ଯାତ୍ରାରେ ଅଯୋଧ୍ୟା-ବାରଣାସୀ ଯିବାକୁ ଥିବାବେଳେ ଆସନ୍ତା ୦୬-୧୧-୨୦୨୫ ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ତରଫରୁ ତାଙ୍କ ନିଜନିଜ ବ୍ଲକରୁ ମନୋନୀତ ହୋଇଥିବା ବରିଷ୍ଠ ନାଗରିକ ମାନଙ୍କୁ ଆଣି ସକାଳ ୮ଘଟିକା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ତାପରେ ସକାଳ ୯ ଘଟିକା ସମୟରେ ଡାକ୍ତରୀ ପରୀକ୍ଷା କରାଯାଇ କିଛି ସମୟ ବିଶ୍ରାମ ନେବା ପରେ ଅପରାହ୍ନ ୩ଘଟିକା ସମୟରେ ବାଲେଶ୍ୱର ଅଭିମୁଖେ ବସରେ ଯାତ୍ରା କରିବେ। ବାଲେଶ୍ୱର ଠାରେ ସେହିଦିନ ରାତ୍ରି ରହଣି ପରେ ତା'ପରଦିନ ତା ୦୭-୧୧-୨୦୨୫ ରିଖ ବାଲେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ। ଯାତ୍ରା ସମୟ ରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ର କିଛି ଅଧିକାରୀ ମାନେ ମଧ୍ୟ ସେମାନଙ୍କ ସହିତ ଯିବାର ବ୍ୟବସ୍ଥା ହୋଇଛି। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ହେଲାପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୧୨-୧୧-୨୦୨୫ ରିଖ ପ୍ରତ୍ୟାବର୍ତ୍ତନ କରିବେ ଏବଂ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ବସ ଯୋଗେ ସେମାନଙ୍କୁ ପୁଣି ବାଲେଶ୍ୱରରୁ ବାରିପଦା ଅଣାଯିବ ଏବଂ ବାରିପଦା ପହଂଚିବା ପରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ତରଫରୁ କରାଯାଇଥିବା ବ୍ୟବସ୍ଥା ଅନୁସାରେ ସେମାନଙ୍କୁ ନିଜ ନିଜ ଘରକୁ ପହଞ୍ଚାଇବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀଣୀ ସୂଚନା ଦେଇଛନ୍ତି।

## ମାନବାଧିକାର ସୁରକ୍ଷା ଆୟୋଗ ଭାରତ ତରଫରୁ ଶିକ୍ଷାବିତ ଓ ସାହିତ୍ୟିକ ଅଶ୍ୱିନୀ କୁମାର ମହାନ୍ତିଙ୍କୁ ସମ୍ମାନଜନକ ଡକ୍ଟରେଟ ପ୍ରଦାନ




ବାଲେଶ୍ୱର, ୦୯/୧୦ (ନି.ପ୍ର): ମାନବାଧିକାର ସୁରକ୍ଷା ଆୟୋଗ ଭାରତ ତରଫରୁ ପୁରୀଠାରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଶିକ୍ଷାବିତ ଓ ସାହିତ୍ୟିକ ଅଶ୍ୱିନୀ କୁମାର ମହାନ୍ତିଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ପଦାନ କରାଯାଇଛି। ଅଶ୍ୱିନୀ କୁମାର ମହାନ୍ତି ଶିକ୍ଷା ଓ ସାହିତ୍ୟ ଜଗତରେ ଏକ ଜଣାଶୁଣା ନାମ। ଏକାଧାରରେ ସେ ଆଦର୍ଶ ପ୍ରଧାନଶିକ୍ଷକ, କୃତୀ ଶିକ୍ଷକ, ଦକ୍ଷ ପ୍ରଶିକ୍ଷକ, ଅଭିଜ୍ଞ ବୈୟାକରଣ, ସୁଗାଳ୍ପିକ, ମନନଶୀଳ ପ୍ରାବନ୍ଧିକ, ଔପନ୍ୟାସିକ ଓ କବି ଭାବରେ ସୁପରିଚିତ। ବୃତ୍ତି ତାଙ୍କର ଶିକ୍ଷକତା ମାତ୍ର ପ୍ରବୃତ୍ତି ସାହିତ୍ୟ ସାଧନା। ଚ ଶିକ୍ଷକତା ଜୀବନ କାଳରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସମୟରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଓଡ଼ିଆ ବିଷୟରେ ପ୍ରଶିକ୍ଷଣ ପ୍ରଦାନ ସହ କରୋନା ସମୟରେ ଓସେପା ପକ୍ଷରୁ ଆୟୋଜିତ ୟୁଟ୍ୟୁବ ଅନଲାଇନ ଲାଇଭ କ୍ଲାସ ମାଧ୍ୟମରେ ଓଡ଼ିଶାର ସମସ୍ତ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରି ଚର୍ଚ୍ଚିତ ଓ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷିକା ମାନଙ୍କର ବ୍ୟାକରଣରେ ଦୁର୍ବଳତାକୁ ଲକ୍ଷ୍ୟକରି ସେ ରଚନା କରିଥିଲେ ' ନୂତନ ଓଡ଼ିଆ ବ୍ୟାକରଣ ' ପୁସ୍ତକ। ପୁଣି ତାକୁ ଆହୁରି ସରଳୀକରଣ କରିବାକୁ ଯାଇ ପୃଥିବୀର ପ୍ରଥମ କରି ରଚନା କଲେ ' ବ୍ୟାକରଣ ଏକାଙ୍କିକା ' ପୁସ୍ତକ।ଏ ଦୁଇ ପୁସ୍ତକ ତାଙ୍କୁ ବିଭିନ୍ନ ଆଡ଼େ ଅଧିକ ପରିଚିତ କରାଇପାରିଥିଲା। ଏବେ ଖୁବଶିଘ୍ର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷିକା ତଥା ସମସ୍ତଙ୍କ ପାଇଁ ପ୍ରକାଶିତ ହେବାକୁ ଯାଉଅଛି ଓଡ଼ିଆ ଭାଷାର ୧୫୦ରୁ ଉର୍ଦ୍ଧ୍ୱ ପ୍ରକାରର ପତ୍ରକୁ ନେଇ ୫୦୦ ପୃଷ୍ଠାର ବୃହତ 'ପତ୍ରଧାରା'ପୁସ୍ତକ। ଏଭଳି ପୁସ୍ତକ ମଧ ଓଡିଆ ସାହିତ୍ୟ ଜଗତର ପ୍ରଥମ।ଏହା ବ୍ୟତୀତ ମହାଭାରତର ବିଷୟବସ୍ତୁ ଉପରେ ଆଧାରିତ ତାଙ୍କର ଉପନ୍ୟାସ 'ଅଭିଶପ୍ତା କୃଷ୍ଣା' ,ଗଳ୍ପ ପୁସ୍ତକ 'ବାପା ଓ ଅନ୍ୟାନ୍ୟ ଗଳ୍ପ' ,'ସ୍ୱୟଂସିଦ୍ଧା', ' ପ୍ରଥମ ପ୍ରେମ' ,' ଅତୀତରୁ ଇତିହାସ' , 'ସତ୍ୟଯୁଗ ପ୍ରତୀକ୍ଷାରେ' , ପ୍ରବନ୍ଧ ପୁସ୍ତକ' ପଞ୍ଜାବ ପରିଭ୍ରମଣ ' , କ୍ଷୁଦ୍ର ନାଟକ ' ଦୁଇଟି କ୍ଷୁଦ୍ର ଏକାଙ୍କିକା' ତାଙ୍କର ବିଚକ୍ଷଣ ସାହିତ୍ୟ ପ୍ରତିଭାର ପରିଚୟ ପ୍ରଦାନ କରେ। ଏଥିପାଇଁ ସେ ଜିଲ୍ଲା କୃତୀ ଶିକ୍ଷକ ସମ୍ମାନ ଲାଭ ସହିତ ରାଜ୍ୟ ଓ ଜାତୀୟ ପୁରସ୍କାର ପାଇଁ ମଧ ମନୋନୀତ ହୋଇଛନ୍ତି। ବିଭିନ୍ନ ସାହିତ୍ୟ ସଙ୍ଗଠନ ତରଫରୁ ମଧ ସେ ସମ୍ବର୍ଦ୍ଧିତ। ତାଙ୍କର ଜନ୍ମ ୧୯୬୩ ମସିହାରେ ଭଦ୍ରକ ଜିଲ୍ଲାର ପାଳିଆ ଗ୍ରାମରେ। ପିତା - ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମହାନ୍ତି,ମାତା - ସୁଗୃହିଣୀ ରଙ୍ଗଲତା ମହାନ୍ତିଙ୍କ ପାଖରୁ ଜନ୍ମିତ ସେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଗୋଷ୍ଠୀ ଅନ୍ତର୍ଗତ କିଶୋର ଚନ୍ଦ୍ର ପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ଗବପାଳରେ ଦୀର୍ଘବର୍ଷ ଧରି ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ୨୦୨୩ ମସିହା ଜୁନ୍ ମାସରେ ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେ ଚାନ୍ଦିପୁର ଉଚ୍ଚ ବିଦ୍ୟାଳୟରେ ଅତିଥି ଶିକ୍ଷକ ଥିଲେ।

## 'ସମାଜ' ପକ୍ଷରୁ ବାଲେଶ୍ୱରରେ ଉତ୍କଳମଣିଙ୍କ ୧୪୮ତମ ଜୟନ୍ତୀ ପାଳିତ

ବାଲେଶ୍ୱର,୯।୧୦(ନିପ୍ର): 'ସମାଜ' ବାଲେଶ୍ୱର ସଂସ୍କରଣ ପକ୍ଷରୁ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏ ନେଇ ସକାଳେ ସ୍ଥାନୀୟ ଗୋପବନ୍ଧୁ ପାର୍କରେ ଥିବା ଉତ୍କଳମଣିଙ୍କ ପୂର୍ଣ୍ଣାବୟବରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତି-ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧ୍ୟକ୍ଷା ସବିତା ସାହୁଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। 'ସମାଜ' ବାଲେଶ୍ୱର ବ୍ୟୁରୋ ମୁଖ୍ୟ କୁଳମଣି ବାରିକଙ୍କ ସଂଯୋଜନାରେ ସେଠାରେ ଆୟୋଜିତ ସ୍ମୃତି ସଭାରେ ଅତିଥିମାନେ ଉତ୍କଳମଣିଙ୍କ ନୀତି ଆଦର୍ଶ ତଥା ତ୍ୟାଗପୂର୍ଣ୍ଣ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଗୋପବନ୍ଧୁ ବ୍ୟକ୍ତିତ୍ୱ ନୁହନ୍ତି, ବରଂ ଏକ ଅଭିଯାନରେ ପରିଣତ ହୋଇଛନ୍ତି। ସେବା କ୍ଷେତ୍ରରେ ଉତ୍କଳମଣି ସୃଷ୍ଟି କରିଯାଇଥିବା



ଧାରା ସମସ୍ତଙ୍କ ପାଇଁ ପଥ ପ୍ରଦର୍ଶକ ହୋଇଛି। ଏହି ମହାମାନବଙ୍କ ଆଦର୍ଶରୁ ଜୀବନରେ କିଛି ମାତ୍ରାରେ ପାଳନ କରିପାରିଲେ, ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। 'ସମାଜ' ବାଲେଶ୍ୱର ଶାଖାର ଭାରପ୍ରାପ୍ତ ପରିଚାଳକ ସତ୍ୟବ୍ରତ ଜେନା ଓ ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଏଥିରେ ବକ୍ତବ୍ୟ ରଖି ଉତ୍କଳମଣିଙ୍କ ଜୀବନାଦର୍ଶ ଓ ସେବାକାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ସହସମ୍ପାଦକ ମନୋଜ କୁମାର ମେହେର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ପ୍ରଶାନ୍ତ ଦାସ, ବିପ୍ଲବ କୁମାର ମହାନ୍ତି, କାଳୀପଦ ପଣ୍ଡା, କବି ଶ୍ରୀଦେବ, ସାଗର ଦାସ, କେଶୁ ଦାସ, ରାଜେଶ ଗିରି, ଇଂ ବନମାଳି ନାୟକ, ଯଶୋଦା ନନ୍ଦନ ଆଶ, ଅଶୋକ କୁମାର ସେନାପତି, ସୃଷ୍ଟିଧର ପରିଡ଼ା, ଡ. ରାଧାଂଜନ ପଟ୍ଟନାୟକ, ବିକ୍ରମ ପଣ୍ଡା, ଡ. ହରିଶ୍ଚନ୍ଦ୍ର ବେହେରା, ରାଜେନ୍ଦ୍ର ରାଉତ, ସାହିରୁଲ ହକ, ଦେବାଶିଷ ଚାଟାର୍ଜୀ, ମନୋଜ ରାଉତ, ହର ପ୍ରସାଦ ପାଳ, ନିରଂଜନ ପରିଡ଼ା, ସୁଶାନ୍ତ ରଣା, ଶେଖ କରିମୁଦ୍ଦିନ, ଶୈଳେନ୍ଦ୍ର ପ୍ରସାଦ ଦାସ, ସୀତାକାନ୍ତ ସ୍ୱାଇଁ, ଶଶାଙ୍କ ଶେଖର ଦତ୍ତ, ଦାମୋଦର ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, ରଘୁନାଥ ଲେଙ୍କା, ସୁରେଶ ଦାସ, ଅନନ୍ତ କୁମାର ସେନ, ରାଜେନ୍ଦ୍ର ଚାଟାର୍ଜୀ, ଧୀରଜ କୁମାର ମହାନ୍ତି, ଧୀରେନ ନାୟକ, ଗଙ୍ଗାଧର ରାଉତ, କିଶୋର ଦାସ, କବି ଅଭୟ ଦାସ, ଗୋପୀକୃଷ୍ଣ ମହାନ୍ତି, ଅଧୀପ ଜେନା, ଅଜିତ କୁମାର ମହାନ୍ତି, ଅର୍ଦ୍ଧେନ୍ଦୁ କୁମାର ଦାସ, ଅରୂପ ନାରାୟଣ ମହାନ୍ତି, ଧୀରଜ କୁମାର ଦାସ, ସୋମନାଥ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇ ଉତ୍କଳମଣିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଖାନନଗର ଛାପାଖାନା ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ପୂର୍ବତନ ଜିଲା ପରିଷଦ ସଭାପତି ଶ୍ରୀ ଦାଶ ଓ ଆଇନଜୀବୀ ତୁଷାରକାନ୍ତି ମହାପାତ୍ର ମାଲ୍ୟାର୍ପଣ କରିବା ସହ ମହାମାନବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିଭଳି ସମାଜ ବାଲେଶ୍ୱର ଅଫିସ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସମସ୍ତ କାର୍ଯ୍ୟ ପରିଚାଳନାରେ ବାଲେଶ୍ୱର 'ସମାଜ' ପରିବାର ସହ-ସମ୍ପାଦକ ଡ. ଜଗନ୍ନାଥ ଖଟୁଆ, ଅଭୟ କୁମାର ଦାସ, ମଲ୍ଲିକ ରିଜୱାନ, ସ୍ୱାଗତ କୁମାର ନାୟକ, ସୁଧାଂଶୁ ନାୟକ, ପ୍ରଦୀପ କୁମାର ବାରିକ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ସାହୁ, ଦିଲ୍ଲୀପ ପରିଡ଼ା, ଗୌତମ ସେନ, ସୋମନାଥ ସାହୁ, ରାମଚନ୍ଦ୍ର ପଟ୍ଟନାୟକ, ଦେବବ୍ରତ ମଲ୍ଲିକ, ଅରୁଣ ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, ଗୋକୁଳି ଚନ୍ଦ୍ର ରାଉତ, ନାରାୟଣ ବେହେରା, ବିଭୁରଂଜନ ମହାରଣା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ୨୬ରେ ଜଳେଶ୍ୱରରେ ଆଦିବାସୀ ମେଳା

ଜଳେଶ୍ୱର, ୦୯/୧୦ (ନି.ପ୍ର): ଜଳେଶ୍ୱରଠାରେ ଆଦିବାସୀ ମେଳା ଆୟୋଜନ ନେଇ ରବିବାର ସଂଧ୍ୟାରେ ଏଚ୍ଡିଏଫସି ବ୍ୟାଙ୍କ ସମ୍ମୁଖରେ ଗୌରହରି ସାହୁଙ୍କ ସଭାପତିତ୍ୱ ବୈଠକ ଅନୁଷ୍ଠିତ ହୋଇଛି। ମହିଳା ଯୁବ ଗୋଷ୍ଠୀଙ୍କୁ ଗୁରୁତ୍ୱ ଦେଇ ଆସନ୍ତା ୨୬ ତାରିଖରୁ ୩୦ ତାରିଖ ଯାଏ ୫ ଦିନ ବ୍ୟାପି ଆଦିବାସୀ ମେଳା ସ୍ଥାନୀୟ ସାଇ ମନ୍ଦିର ପଡ଼ିଆରେ ହେବାକୁ ସ୍ଥିର ହୋଇଛି। ଆଦିବାସୀ ନେତା ସର୍ବେଶ୍ୱର ଟୁଡୁ, କୁଆଁର ସିଂ, ସନାଇ ହେମ୍ବ୍ରମ, ହରିଆ ମାରାଣ୍ଡି, ରଘୁନାଇ ମୁର୍ମୁ, ପ୍ରଭାକର ହାଁସଦା, ନିରଞ୍ଜନ ମାରାଣ୍ଡି, ବୁଦ୍ଧିରାମ ବାସ୍କେ ଓ ରତ୍ନାକର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଆଦିବାସୀ ମହିଳା ଓ ଯୁବ ଗୋଷ୍ଠୀଙ୍କ ଲାଗି ୨ ଦିନ କାର୍ଯ୍ୟକ୍ରମ ରହିବ।ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରା, ନୃତ୍ୟ ସଙ୍ଗୀତ, ଭାଷା ପ୍ରତି ମେଳାରେ ଗୁରୁତ୍ୱ ବହନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି। ଜଳେଶ୍ୱର ମ୍ୟୁନିସିପାଲଟିର ବହୁ ଆଦିବାସୀ ଏହି ବୈଠକରେ ଯୋଗଦେଇ ଆସନ୍ତା କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାର ଆଦିବାସୀ ନେତା, ପ୍ରଶାସକ, ସାମରିକ ବାହିନୀ , ଅଭିନେତା, ନେତା ଯୋଗଦେବାର ସହିତ ରାଜନେତା କାର୍ଯ୍ୟକ୍ରମ ରହିଛି। କାଉନ୍ସିଲର ଗୋ ଗାବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ ।

## ଆର୍ଏସଏସ ବାସୁଦେବପୁର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ




ବାସୁଦେବପୁର , ୦୯/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାସୁଦେବପୁର ପକ୍ଷରୁ ସେବା ସପ୍ତାହର ଉଦ୍ ଜାପାନୀ ଉତ୍ସବରେ ପ୍ରେସ କ୍ଲବ ପରିସରରେ ରକ୍ତ ଦାନ ଶିବିର ଅନୁଷ୍ଠିତ। ଅନୁଷ୍ଠିତ ରକ୍ତଦାନ ଶିବିରକୁ କବି ଓ ସଂଗ୍ରାହକ ବିକାସ ଶତପଥୀ ଓ ଜିଲ୍ଲା ସେବା ପ୍ରମୁଖ ଶଶାଙ୍କ ଶେଖର ସାମଲ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ନଗର କାର୍ଯ୍ୟ ବାହ ରଶ୍ମି ରଞ୍ଜନ ପଲାଇଙ୍କ ସଂଯୋଜନା ରେ କାର୍ଯ୍ୟ କ୍ରମ ସଂଯୋଜକ ଶ୍ରୀତମ ସାହୁ, ନାରାୟଣ ମହାକୁଡଙ୍କ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସ୍ୱୟଂ ସେବକ ଭାଇ ମାନଙ୍କ ସହ ସାଧାରଣ ଜନତା ଉପସ୍ଥିତ ରହି ସେଚ୍ଛା କୃତ ରକ୍ତଦାନ କରିଥିଲେ। ଉକ୍ତ ରକ୍ତ ଦାନ ଶିବିରରେ ୪୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି

## ଶିକ୍ଷାବିତ୍ ମହେନ୍ଦ୍ର ପାଣିଗ୍ରାହୀଙ୍କ ଅଶୀତମ ଜନ୍ମ ଉତ୍ସବ

ବାସୁଦେବପୁର, ୦୯/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଇଟା ପଥୁରି ବ୍ରାହ୍ମଣୀ ଗାଁ ଠାରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ୮୦ ତମ ଜନ୍ମ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ତାଙ୍କର ଭଣଜା ତଥା ସାମ୍ବାଦିକ ଓ ସମାଜସେବୀ କୈଳାସ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ପିତା ମନ୍ମଥ ପାଣିଗ୍ରାହୀ ଓ କକା ହେଉଛନ୍ତି ବିଶିଷ୍ଟ ବୈଜ୍ଞାନିକ ଗୋପୀନାଥ ପାଣିଗ୍ରାହୀ। ରେଲୱେ ହାଇସ୍କୁଲ ବନ୍ଧମୁଣ୍ଡା ରେ ଶ୍ରୀ ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଚାକିରୀ କରିଥିଲେ। ଅବସର ପରେ ବର୍ତ୍ତମାନ ବାଙ୍ଗାଲୋର ରେ ସେ ଶିକ୍ଷା ଦାନ କରୁଛନ୍ତି। ଶ୍ରୀ ପାଣିଗ୍ରାହୀ ପ୍ରତ୍ୟେକ ଦେବା ଦେବୀ, ମନ୍ଦିର, ଓ ବିଭିନ୍ନ ଅନୁଷ୍ଠାନ କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ସମାଜର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ସାରଥୀ ସାଜିଛନ୍ତି। ଏହି ଜନ୍ମଦିନ ଉତ୍ସବରେ ମନ୍ଦିରରେ ପୂଜା ପାଠ କରା ଯାଇଥିଲା ଓ ତାଙ୍କର ବୋହୂ, ନାତି ନାତୁଣୀ, ଗ୍ରାମବାସୀ ସମସ୍ତେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଭିନ୍ନ ସ୍ୱାଦର ନିଆରା ଢଙ୍ଗରେ ଜନ୍ମ ଦିନ ପାଳନ କରା ଯିବା ସହିତ ଏକ କେକ୍ କଟା ଯାଇ ଥିଲା। ମହେନ୍ଦ୍ର ସାର୍ ଏକାଧାରରେ ଜଣେ ଆଦର୍ଶ ଶିକ୍ଷାବିତ୍, କବି, ସୁ ସଂଗଠକ ଓ ସୁନ୍ଦର ମଣିଷ । ସମସ୍ତେ ମହେନ୍ଦ୍ର ସାର୍ ଙ୍କୁ ପ୍ରଣାମ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।



# ଉତ୍କଳମଣି ଗୋପବନ୍ଧୁ ଯୁବ ସମାଜର ଆଦର୍ଶ: ଓୟୁଜେ

ବାଲେଶ୍ୱର, ୦୯/୧୦ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାର ଜନଜୀବନ ରେ ପ୍ରାତଃ ସ୍ମରଣୀୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଆଜି ବାଲେଶ୍ୱର ଠାରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ସାମୂହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ୟୁନିଅନର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମବାୟ ବିତ ଅଜୟ ସାମଲ ଯୋଗଦେଇ ଗୋପବନ୍ଧୁ ସେବା ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ସେ କହିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଏକାଧାରରେ ବହୁ ମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଆଜିର ଯୁବ ସମାଜ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ୟୁନିଅନର ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଉଦବୋଧନ ଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରଚେଷ୍ଟା ରେ ପ୍ରକାଶିତ ସମାଜ ଖବର କାଗଜ ଲୋକଙ୍କ ସମସ୍ୟାକୁ ପ୍ରକାଶ କରୁଥିବା ବେଳେ ଯୁବ ସାମ୍ବାଦିକ ସୃଷ୍ଟିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ୟୁନିଅନର ଟାଉନ ସଂଯୋଜକ ହାଇଦର ଖାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ସୋମନାଥ ସାହୁ,ସେକ ନଜୀମ, ଅଜୀମ ବାଲେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ।




# ଉଦଳାରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୮ ତମ ଜୟନ୍ତୀ ପାଳିତ



ଉଦଳା, ୦୯/୧୦ (ନି.ପ୍ର): ପ୍ରତିବର୍ଷ ପରି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘର ମିଳିତ ଉଦ୍ୟମରେ ଉଦଳା ଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହିଅବସରରେ ପ୍ରଭାତରେ ସମସ୍ତେ ବସ୍‌ଷ୍ଟାଣ୍ଡ ନିକଟରେ ସ୍ଥାପନ କରାଯାଇଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେବାଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସେବାଟ୍ରଷ୍ଟ ତଥା ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ତାଙ୍କର ବକ୍ତବ୍ୟରେ ଓଡ଼ିଶାରେ ଜାତୀୟ କଂଗ୍ରେସର ସଭାପତି ଭାବରେ କିପରି ଗୋପବନ୍ଧୁ ନିଜର ଦାୟିତ୍ୱ ତୁଲାଇବା ସହ ମହାତ୍ମାଗାନ୍ଧୀଙ୍କ ଡ଼ାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ କାରାଗାରରେ ବନ୍ଦି ଜୀବନ ବିତାଇଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା 'ମଶାଲ' ପତ୍ରିକାର ସମ୍ପାଦକ ରବିକାନ୍ତ ମହାପାତ୍ର, ଗୋପବନ୍ଧୁଙ୍କ କବିତା ଓ ସାହିତ୍ୟ କୃତିରେ କିପରି ଦେଶଭକ୍ତିର ଭାବନା ଫୁଟି ଉଠିଛି ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବୟିତ୍ରି ସ୍ମୃତିମୟି ଦାସ, ଉଦଳା ପ୍ରେସ କ୍ଲବର ସଭାପତି ଆନନ୍ଦ ଦାସ, ଭଂଜ ସେନାର ରବିନ ମହାନ୍ତି ଓ କିସନ କୁମାର ସାହୁ, ଆଇନଜୀବି ସତ୍ୟବ୍ରତ ମିଶ୍ର, ଯୋଗଗୁରୁ ବ୍ରହ୍ମାନନ୍ଦ ନାୟକ, ସର୍ବେଶ୍ୱର ମହାପାତ୍ର, ମନୋରଂଜନ ମଲ୍ଲିକ, ଏକଲ ଅଭିଯାନର ଗୌରଚନ୍ଦ୍ର ଜେନା, ଦେବୀ ଶଙ୍କର କର, ପ୍ରାଚ୍ୟସୁମନ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ଗୋପବନ୍ଧୁ ସେବାର ମୂର୍ତିମନ୍ତ ପ୍ରତୀକ ଥିଲେ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ସହର ମଧ୍ୟରେ ଥିବା ଭାରତଜ୍ୟୋତି ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ମିଷ୍ଟାନ୍ନ ବଂଟନର ପର୍ବ ଅନୁଷ୍ଠିତ ହେବା ସହ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁବ୍ରତ କୁମାର ମହାନ୍ତି, ମାନସ ପାଣି, ନରେନ୍ଦ୍ର ମହାକୁଡ଼, ବାବାଜି ନାୟକ, ଅନାଦି ସାହୁ, କରୁଣାକର ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ସଦଭାବନା ସମିତିର ମାସିକ ସନ୍ଥ ଦିବସରେ ଗୋପବନ୍ଧୁ ଜୟନ୍ତୀ ପାଳନ

## ଜିଲ୍ଲାର ୧୦ଟି ସାହିତ୍ୟ ସଂଗଠନକୁ ସଦ୍‌ଭାବନା ଶ୍ୱେତପତ୍ର ପ୍ରଦାନ

ବାରିପଦା, ୦୯/୧୦ (ନି.ପ୍ର): ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ୫୫୬ତମ ମାସିକ ସନ୍ଥ ଦିବସରେ ଗୋପବନ୍ଧୁ ଜୟନ୍ତୀ ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। କବି ସଚ୍ଚିରାଉତରାୟଙ୍କ ସାହିତ୍ୟ ନୁହଁଇ କେବେ ବିଳାସର ଫୁଲ, ଜାତିକୁ ଦେବ ସେ ମୁଭି ତେବେ ଯାଇ ଅମୂଲ ତା ମୂଳ ପ୍ରସଙ୍ଗ ଉପରେ ଜୋର୍ ଦିଆଯାଇ ଆଧୁନିକ ସାହିତ୍ୟକୁ ପ୍ରାଧାନ୍ୟ ଦିଆ ନଯାଇ ମୂଳ ସାହିତ୍ୟ ହିଁ ସତ୍ ସାହିତ୍ୟ ଏବଂ ତାହା ସମାଜର ହିତ ଲାଗି ସ୍ୱସ୍ତିବାଚକ ହେତୁ ସାଧୁ, କଲମରୁ ସୁଧା ଉପୁଜୁ ବୋଲି ବକ୍ତବ୍ୟ ସ୍ଥାନ ପାଇଥିଲା। ଏହି ଦିବସରେ



ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ ଉଦ୍‌ଘାଟିକା, ସମ୍ମାନୀୟ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ସନ୍ଥ ସାହିତ୍ୟର ସମର୍ଥକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ବାରିପଦା ପୌରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ଡ ବିଜୟ କୁମାର ଅଗରୱାଲା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ରୂପ୍ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ଦେବ ବିଜୟଜୀ, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ଡ ରମାକାନ୍ତ ସିଂ ଏବଂ ଉଦଳାର ପ୍ରମିଳା ପଣ୍ଡା ବକ୍ତା ଭାବେ ଯୋଗଦେଇ ସେବାର ସନ୍ଥ ବୋଲି କହିଥିଲେ। ସଦ୍‌ଭାବନା ସମିତି ତରଫରୁ ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡାଙ୍କୁ ସୁସାହିତ୍ୟିକ ଭାବେ ଓ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦର ପଦ୍ମନାଭ ସାହୁ, ପ୍ରତିଶ୍ରୁତି ପ୍ରତିଷ୍ଠାନର ଭାଗବତ ପଣ୍ଡା, ପୂଜ୍ୟପୂଜାର ଡ ରମାକାନ୍ତ ସିଂ, ଉଦଳା ଗୋପବନ୍ଧୁ ମେମୋରିଆଲ୍ ସେବା ଟ୍ରଷ୍ଟର ପ୍ରମିଳା ପଣ୍ଡା, କପ୍ତିପଦା ଆରଣ୍ୟକ ସାହିତ୍ୟ ସଂସଦର ରାଜେନ୍ଦ୍ର କୁମାର ସାମଲ, ବେତନଟୀ ମୟୂର ସାହିତ୍ୟ ସଂସଦର ସଚ୍ଚିଦାନନ୍ଦ ମହାନ୍ତି, କରଞ୍ଜିଆ ଚେତନାର ମାନସ ରଞ୍ଜନ ଦାସ, ରାଇରଙ୍ଗପୁର ଶ୍ରୀଜଗନ୍ନାଥ ଚେତନା ଓ ସେବା ସଂଘର ପୁଷ୍ପାଞ୍ଜଳୀ ତ୍ରିପାଠୀ, ବଡସାହି ବାଣୀପୀଠର ସୌମରଞ୍ଜନ ନାୟକ ଏବଂ ବଡସାହି ପୂର୍ଣ୍ଣମାସୀ ସେବା ସଂସ୍ଥାନର ରାଜକିଶୋର ଆଚାର୍ଯ୍ୟଙ୍କୁ ସମିତି ତରଫରୁ ସତ୍ ସାହିତ୍ୟ ପ୍ରଚାର ପାଇଁ ସଦ୍‌ଭାବନା ଶ୍ୱେତପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଦସ୍ୟ ସନ୍ଦୀପ କୁମାର ଚାନ୍ଦ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ସଦସ୍ୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏବଂ ସଦସ୍ୟ ମନୋଜ କୁମାର ପଣ୍ଡା ସହଯୋଗ କରିଥିଲେ। ଏହି ସବୁ ଦିବସରେ ଏ ମାସରେ ଆବିର୍ଭାବ ଶିବମୁନି, ମହାତ୍ମା ଗାନ୍ଧୀ ଏବଂ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା ।

# ପାଟ୍ରୋଲିଂ ବେଳେ ବାଣ ବୋଝେଇ ପିକଅପ ଜବତ

ବେତନଟୀ,୯/୧୦(ନି.ପ୍ର) : ବେତନଟୀ ପୁଲିସ ପେଟ୍ରୋଲିଂ ଟିମ ୧୮ନଂ ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ରାସ୍ତା ଠାରେ ଚଢାଉ କରି ଏକ ବାଣବୋଝେଇ ପିକଅପଭ୍ୟାନକୁ ଜବତ କରିଛି । ସୂଚନା ମୁତାବକ ବାଣ ଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିବାପରେ ବେତନଟୀ ପୁଲିସ ପେଟ୍ରୋଲିଂ ଟିମ୍ ୧୮ନଂ ଜାତୀୟରାଜପଥରେ ପେଟ୍ରୋଲିଂକୁ କଡାକଡି କରିଥିଲେ। ସନ୍ଦେହ ହେବାରୁ ଓଡି-୧୧ୱାଇ-୫୮୧୮ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ପିକଅପଭ୍ୟାନରେ ବିପୁଳ ପରିମାଣର ବାଣ ଥିବାବେଳେ ବାଣ ପରିବହନ ନେଇ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ଏନେଇ ବେତନଟୀ ପୁଲିସ ମାମଲା ରୁଜୁକରି ବାଣଭର୍ତ୍ତି ପିକଅପ ଭ୍ୟାନକୁ ଜବତକରି ଅଧିକ ତଦନ୍ତ ଜାରି ରଖିଛି ।

# ବଜ୍ରପାତରେ ଯୁବକଙ୍କର ମୃତ୍ୟୁ



ବାଲିଆପାଳ, ୦୯/୧୦ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର କୁମ୍ଭାରୀ ଗ୍ରାମରେ ଗୌରାଙ୍ଗ ଭୂୟାଁ ଙ୍କ ପୁଅ ରତିକାନ୍ତ ଭୂୟାଁ (୪୦)ଙ୍କର ଗୁରୁବାର ଅପରାହ୍ନରେ ରେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୁଚନା ଅନୁସାରେ ରତିକାନ୍ତ ଅପରାହ୍ନ ତିନିଟା ସମୟରେ ବିଲକୁ ଔଷଧ ପକାଇବା ପାଇଁ ଯାଇ ଥିଲେ। ରାତି ହେବାରୁ ଘର ଲୋକ ଖୋଜାଖୋଜି କରିବା ପରେ ମିଳିନଥିଲେ। ପରେ ଗ୍ରାମବାସୀ ମାନେ ମଧ୍ୟ ଖୋଜିଥିଲେ। ରାତି ଆଠଟା ସମୟରେ ବିଲରୁ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ଆଣିଥିଲେ।

# ଗୋପବନ୍ଧୁଙ୍କ ଜନ୍ମ ଜୟନ୍ତୀରେ ଉତ୍କଳମଣି ବରିଷ୍ଠ ନାଗରିକ ମଂଚର ବାର୍ଷିକ ଉତ୍ସବ

ଭଦ୍ରକ, ୦୯/୧୦ (ନି.ପ୍ର): ସେବା ମାନବିକତାର ମୂଳ ମନ୍ତ୍ର। ସେବା, ସଂଗଠନ, ସାହିତ୍ୟ ଓ ସାମାଜିକତାକୁ ନିଜ ଜୀବନର ବ୍ରତ ବୋଲି ଭାବିନେଇ ନିର୍ଭୀକ ସତ୍ୟାନୁଶରଣ କରିପାରିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତି ଶ୍ରେଷ୍ଠ ନିଦର୍ଶନ ହୋଇପାରିବ। ସେ ଯେଉଁଭଳିଭାବେ ନିଜ ଜୀବନକୁ ସମାଜ ପାଇଁ ଉତ୍ସର୍ଗୀକୃତ କରି ଉତ୍କଳ ପାଇଁ କାନ୍ଦୁଥିଲେ ସେହିଭଳି ଭାବେ ଆଜିର ଯୁବପିଢି ସମୟକୁ ଗୁରୁତ୍ୱ ଦେଇ ସେବାକୁ ପ୍ରାଧାନ୍ୟ ଦେବା ପୂର୍ବକ ନିଜ ପିତା-ମାତା, କୁଳଗୁରୁ ଓ କୁଳ ଦେବତାଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦ ଲାଭ କରିପାରିଲେ, ସମାଜ ପ୍ରଗତି ପଥରେ ଗତି କରିପାରିବ ବୋଲି ଆଜି ପଣ୍ଡିତ ଉତ୍କଳମଣି ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ କଲେଇ ଗ୍ରାମପଂଚାୟତରେ ପ୍ରତିଷ୍ଠିତ ଉତ୍କଳମଣି ବରିଷ୍ଠ




ନାଗରିକ ମଂଚର ବାର୍ଷିକ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ମା' କ୍ଷେତ୍ରବାସୀ ପୀଠରେ ସଭାପତି ଜଗନ୍ନାଥ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପସଭାପତି ଗୌରଗୋପାଳ ଜେନା, ଅମୃତ ଦର୍ଶନର ସଂପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରିଷ୍ଠ ନାଗରିକ ମଂଚ, ଭଦ୍ରକର ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି, ସଂପାଦକ କୈଳାସ ଚନ୍ଦ୍ର ମହାପାତ୍ର, କଲେଇ ସରପଂଚ ନିରଞ୍ଜନ ମଲ୍ଲିକ, ସ୍ଥାନୀୟ କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମଚରଣ ପରିଡା, ଉତ୍କଳମଣି ବରିଷ୍ଠ ନାଗରିକ ମଂଚର କୋଷାଧ୍ୟକ୍ଷ ବାଇଧର ବେହେରା ପ୍ରମୁଖ ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗୋପବନ୍ଧୁଙ୍କର ଅବଦାନ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଚଳିତବର୍ଷ ଓଏଏସ୍ ପରୀକ୍ଷାରେ ୪୬ନଂ ର୍‍ୟାଙ୍କରେ ଥିବା ସ୍ଥାନୀୟ ବଳଭଦ୍ରପୁର ଗ୍ରାମର ସ୍ୱାତୀଦୀପା ରାଉତ ଓ କଳା ସଂସ୍କୃତି କ୍ଷେତ୍ରରେ ପାରଦର୍ଶୀତା ଲାଭ କରି ବୃକ୍ଷରୋପଣ ଦିଗରେ ଗଛମଣିଷ ଭାବେ ପରିଚିତ ନିରନ ନାୟକ ଙ୍କୁ ମଂଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉତ୍କଳ ନୃତ୍ୟ ତରଙ୍ଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବାଇକ ଓ ଅଟୋ ଧକ୍କାରେ ରାଜ୍ୟ ବାହାରର ମହିଳାଙ୍କ ସମେତ ୩ ଗୁରୁତର

ବୈଶିଙ୍ଗା , ୦୯/୧୦ (ନି.ପ୍ର): ଗୁରୁବାର ସନ୍ଧ୍ୟା ପରେ ବୈଶିଙ୍ଗା ଥାନା ଅନ୍ତର୍ଗତ ରଙ୍ଗଡ଼ା ଗ୍ରାମ ନିକଟରେ ଏକ ବାଇକ ରେ ୩ ଜଣ ଗ୍ରାମ ଭିତରକୁ ଯାଉଥିବା ସମୟରେ ଏକ ଅଜଣା ଅଟୋ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ସହଯୋଗରେ ବୈଶିଙ୍ଗା ଡାକ୍ତରଖାନା ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଦୁଇଟି ଆମ୍ବୁଲାନ୍ସରେ ବାଲେଶ୍ୱର ନିଆ ଯାଇଥିବା ଜଣାଯାଇଛି । ଆହତ ମାନେ ହେଲେ ବାଇକ ଚାଳକ ବିଶ୍ୱଜିତ ନାୟକ (୨୩) , ଅଞ୍ଜନା ସାହୁ (୩୦) ଏବଂ ତାମିଲନାଡୁ ର ମହିଳା ଐଶ୍ୱର୍ଯ୍ୟା (୩୦) ବୋଲି ଜଣାପଡ଼ିଛି । ତିନି ଜଣ ବାଇକ ଆରୋହୀ ବୈଶିଙ୍ଗା କୁ ବୁଲିବାକୁ ଆସୁଥିଲେ ବୋଲି ଜଣା ପଡିଛି ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ବୈଶିଙ୍ଗା , ୦୯/୧୦ (ନି.ପ୍ର): ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହେବା ସହ ଚିତ୍ରାଙ୍କନ, ବକ୍ତୃତା,କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଇତ୍ୟବସରରେ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାସଙ୍କ ରଚିତ 'କାରାକବିତା 'ରୁ କିଛି ଉଦ୍ଧାର କରି ପିଲାମାନଙ୍କୁ ଶୁଣାଇବା ସହିତ ତାଙ୍କରି ନୀତି,



ଆଦର୍ଶରେ ନିଜକୁ ପରିଚାଳିତ କରିବାପାଇଁ ପ୍ରେରଣା ଦେଇଥିଲେ । ଶିକ୍ଷିକା ସରସ୍ୱତୀ ଜେନା ନିଜ ରଚିତ କବିତା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଦିପାଞ୍ଜଳି ଦାସ, ପ୍ରତିମା ପରିଡା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ, ମାଳତୀ ମାଝୀ, ମଣ୍ଟୁ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate Badasahi, Mayurbhanj, dated-06.10.2025, I Sasmita Das, W/o Rabindra Kumar Das, Permanent address : At/Po: Chhelia-B, P.S. Badasahi, Dist. Mayurbhanj, Pin-757026, Currently residing At-Kashindipur, Po-Saundia,Ps- Khaira, Dist: Balasore, Pin-756047declare that my minor son Divyendu Shekhar Das name has been changed from Divyendu Shekhar Das to Divyendu Sekhar Das. Henceforth, my son shall be known as Divyendu Sekhar Das for all purpose.

Sd/-
Sasmita Das

# ବଜରଙ୍ଗୀ କ୍ଲବ୍ ଭଗବାନପୁର ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜାରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ବସ୍ତା, ୦୯/୧୦ (ନି.ପ୍ର): ବଜରଙ୍ଗୀ କ୍ଲବ୍‌ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ସଭାପତିତ୍ୱରେ ଆଧ୍ୟାତ୍ମିକ ସଭା ଓ ନୃତ୍ୟ ପ୍ରୋତିଯୋଗିତା ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ଓ ଅର୍ଥ ପରାମର୍ଶ ଦାତା ଶ୍ରୀଯୁକ୍ତ ଛୋଟରାୟ ମୁର୍ମୁ, ମୁଖ୍ୟବକ୍ତା ଭାବେ ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ଼ ତପନ କୁମାର ବେହେରା, ସମ୍ମାନିତ ବକ୍ତା ଭାବରେ ବୈଦିକ ଗୁରୁକୂଳ ଆଶ୍ରମର ସଂଚାଳକ ମୁଖ୍ୟ ବିଜୟ ଜୀ , ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଦୀପକ ପାତ୍ର, ପୂର୍ବତନ ସେନା ଅଧିକାରୀ ଭୀମ ଚରଣ ମାଝୀ, ବିଚାରକ ନିର୍ମଳା ଭୋଇ, ସମାଜସେବୀ ଚକ୍ରଧର ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ।




ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା , ସ୍ୱାଗତ ନୃତ୍ୟ କୁମାରୀ ସାଇଶ୍ରୀ ମହାପାତ୍ର ପରିବେଷଣ କରିଥିଲେ । ଅତିଥି ମା ଲକ୍ଷ୍ମୀଙ୍କ ଉପରେ ନିଜର ମତାମତ ରଖିଥିଲେ । ନୃତ୍ୟରେ ସିନିୟର୍ ରୁ ପ୍ରଥମ ସାଇକ୍ରିଷ୍ଣା ପୃଷ୍ଟି , ଦ୍ୱିତୀୟରେ ଆଇସା ପଣ୍ଡା, ତୃତୀୟରେ ପ୍ରାଚୀପ୍ରିୟ ଦର୍ଶିନି ମଣ୍ଡଳ । ଜୁନିଅରରୁ ଇସ୍ପା ମହାନ୍ତି, ଦ୍ୱିତୀୟରେ ତାନିଆ ପଟ୍ଟନାୟକ , ତପସ୍ୱିନୀ ପାତ୍ର ଏବଂ ସମସ୍ତଙ୍କୁ ଶାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ଲବ୍ କୋଷାଧକ୍ଷ ବିଜୁ ବାସ୍କେ, ସମ୍ପାଦକ ଲକ୍ଷ୍ମଣ ସେଠୀ, ଅନ୍ୟ ସଦସ୍ୟ ଭିତରେ ଚନ୍ଦନ ବାସ୍କେ , ଗୁଡୁରା ମୁର୍ମୁ , ବାଲକା ମୁର୍ମୁ, ରାଜୁ ବାସ୍କେ , ଦିବ୍ୟ ରଞ୍ଜନ ପ୍ରଧାନ, ସୁରେନ୍ଦ୍ର ଦାସ, ଯୋଗେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଭ୍ୟ ସୁଦର୍ଶନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଶ୍ରୀହରି ଚରଣ ପିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଲଙ୍ଗଳେଶ୍ୱର, ୦୯/୧୦ (ନି.ପ୍ର): ଆଦର୍ଶ ଶିକ୍ଷକ ତଥା ସମାଜସେବୀ ଶ୍ରୀହରି ଚରଣ ପିଳାଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ଆଜି ତାଙ୍କ ଖଗଡାପାଳ ବାସ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସମ୍ପାଦକ ଡାକ୍ତର ବାଙ୍କିମ ଚନ୍ଦ୍ର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କମଳ ଲୋଚନ ପିଳା, ବିଜୟ କୁମାର ପାତ୍ର, କବି ସୁକୁମାର ଦାସ, ରାମନାଥ କର, ଡ଼ଃ ସୁକାନ୍ତ କୁମାର ଗିରି, ଡ଼ଃ ଝାଡ଼େଶ୍ୱର ପ୍ରଧାନ, ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ,



ସନ୍ୟାସୀ ବେହେରା, ଶ୍ରୀହରି ମଣ୍ଡଳ, ଗୁଣାକର ପାଳ, ବୀରମାଧବ ଦାସ, ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପିଳାଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱର୍ଗତ ପିଳାଙ୍କ ପୁତ୍ର ଚିତ୍ତରଞ୍ଜନ ପିଳା, ଦେବାଶିଷ ପିଳା, କନ୍ୟା ମାମି ପିଳା, ପରିବାର ପରିଜନ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ପ୍ରମୁଖ ଏହାକୁ ଆୟୋଜନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida